31 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
NS-EN ISO 9001:2008 The Only ISO Certified Odiya Newspaper
କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ-୩୨ ● ସଂଖ୍ୟା-୩୩୪ ● ୧ ଜାନୁଆରୀ ୨୦୨୬, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-334 ● 1st January 2026, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ଏନଏଚ-୩୨୬ କୋରାପୁଟ ରାସ୍ତାର ପ୍ରଶସ୍ତୀକରଣକୁ କ୍ୟାବିନେଟ୍ ମଞ୍ଜୁରୀ

# ଖର୍ଚ୍ଚ ହେବ ୧୫୨୬.୨୧ କୋଟି ଟଙ୍କା

**ନୂଆଦିଲ୍ଲୀ, ୩୧।୧୨**

ଓଡ଼ିଶା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ (ଏନଏଚ)ର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ କରାଯିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଏହି ପ୍ରକଳ୍ପକୁ ଅନୁମୋଦନ କରିଛି। ବର୍ତ୍ତମାନର ୨ ଲେନରୁ ୨ ଲେନ୍ ଏନଏଚ-୩୨୬ର ୬୮.୬୦୦ କିମିରୁ ୩୧୧.୭୦୦କିମି ପର୍ଯ୍ୟନ୍ତ ସେକ୍ସନକୁ ଇପିସି ମୋଡ଼ରେ ପେଭଡ୍ ଶୋଲଡର ସହିତ ଉନ୍ନତିକରଣ କରାଯିବ।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ପ୍ରକଳ୍ପ ପାଇଁ ମୋଟ୍ ୧,୫୨୬.୨୧ କୋଟି ଟଙ୍କା ଖର୍ଚ୍ଚ ହେବ, ଏଥିରେ ୯୬୬.୭୯ କୋଟି ଟଙ୍କାର ସିଭିଲ୍ ନିର୍ମାଣ ରହିଛି।

ଏନଏଚ୍-୩୨୬ର ଉନ୍ନତିକରଣ ଦ୍ୱାରା ଯାତ୍ରା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ନିର୍ଭରଯୋଗ୍ୟ ହେବ। ଏହାଦ୍ୱାରା ଆଦିବାସୀ ଅଧ୍ୟୁଷିତ ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶ ହେବ। ବିଶେଷ କରି ଗଜପତି, ରାୟଗଡ଼ା



ଏବଂ କୋରାପୁଟ ଜିଲ୍ଲାଗୁଡ଼ିକ ଉପକୃତ ହେବେ। ଉନ୍ନତ ସଡ଼କ ସଂଯୋଗୀକରଣ ସ୍ଥାନୀୟ ବାସିନ୍ଦା, ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକୁ ସିଧାସଳଖ ଲାଭ ଦେବ ଯାହା ବଜାର, ସ୍ୱାସ୍ଥ୍ୟସେବା ଏବଂ ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବ, ଫଳରେ ଏହି ଅଞ୍ଚଳର ସମାବେଶୀ ବିକାଶ ତ୍ୱରାନ୍ୱିତ ହେବ।

ଜାତୀୟ ରାଜପଥ (ଏନଏଚ-୩୨୬)ର ମୋହନା-କୋରାପୁଟ ସେକ୍ସନ ବର୍ତ୍ତମାନ ସବ୍-ଷ୍ଟାଣ୍ଡାର୍ଡ ସ୍ଥିତିରେ ରହିଛି, ଅର୍ଥାତ୍ ଏଥିରେ ଇଣ୍ଟରମିଡିଏଟ୍ ଲେନ୍/୨ ଲେନ୍, ଅନେକ ବିପଜ୍ଜନକ ମୋଡ଼ ଏବଂ ସିଧା ଗଡ଼ାଣି ରାସ୍ତା ରହିଛି। ସଡ଼କର ଆଲାଇନମେଣ୍ଟ, କ୍ୟାରିଜୱେର ପ୍ରସ୍ଥ ଏବଂ ଜ୍ୟାମେଟ୍ରିକ୍ ତ୍ରୁଟି କାରଣରୁ ଭାରୀ ଯାନର ସୁରକ୍ଷିତ ଯାତାୟାତରେ ସମସ୍ୟା ଦେଖା ଦେଉଛି। ଉପକୂଳବର୍ତ୍ତୀ ବନ୍ଦର ଏବଂ ଶିଳ୍ପ କେନ୍ଦ୍ର ପର୍ଯ୍ୟନ୍ତ ମାଲ୍ ପରିବହନ ହ୍ରାସ ପାଉଛି। ଏସବୁ ସମସ୍ୟାକୁ ଦୂର କରିବା ଲାଗି କରିଡରକୁ ଦୁଇ ଲେନ୍‌ରେ ଅପଗ୍ରେଡ୍ କରାଯିବ। ଏହାସହିତ ପକ୍କା ଶୋଲ୍ଡର ନିର୍ମାଣ, ଜ୍ୟାମେଟ୍ରିକ୍ ସୁଧାର (ମୋଡ଼କୁ ଠିକ୍ କରିବା ଏବଂ ଗଡ଼ାଣିକୁ ସଜାଡ଼ିବା), ବ୍ଲାକ୍ ସ୍ପଟ୍‌କୁ ହଟେଇବା ଏବଂ ଫୁଟ୍‌ପାଥ୍‌କୁ ମଜଭୁତ କରିବା ଲାଗି ପଦକ୍ଷେପ ନିଆଯିବ। ଏହାଦ୍ୱାରା ଯାତ୍ରୀ ଏବଂ ସାମଗ୍ରୀର ଗମନାଗମନ ସୁରକ୍ଷିତ ଏବଂ ବାଧାମୁକ୍ତ ହେବ ଏବଂ ଗାଡ଼ି ଚଳାଚଳରେ ହେଉଥିବା କ୍ଷତି ହ୍ରାସ ପାଇବ।

ଏହି ଉନ୍ନତିକରଣ ଦ୍ୱାରା ମୋହନା-କୋରାପୁଟକୁ ବଡ଼ ଆର୍ଥିକ ଏବଂ ଲଜିଷ୍ଟିକ୍ସ କରିଡର ସହିତ ସିଧାସଳଖ ଏବଂ ଉନ୍ନତ ସଂଯୋଗ ମିଳିବ। ଏହା ମଧ୍ୟ ଏନଏଚ-୨୬, ଏନଏଚ-୫୯, ଏନଏଚ-୧୬ ଏବଂ ରାୟପୁର-ବିଶାଖାପାଟଣା କରିଡ଼ର ସହିତ ସଂଯୋଗୀକରଣ ଏବଂ ଗୋପାଳପୁର ବନ୍ଦର, ଜୟପୁର *(ପୃଷ୍ଠା ୭ରେ)*

## ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କଲେ ଅନୁ ଗର୍ଗ

**ଭୁବନେଶ୍ୱର, ୩୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ବୁଧବାର ଅପରାହ୍ନରେ ଲୋକସେବା ଭବନ ଠାରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୧୯୯୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅନୁ ଗର୍ଗ। ସେ ବିଦାୟୀ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡିସେମ୍ବର ୩୧ ତାରିଖରେ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ତାଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଅନୁ ଗର୍ଗ ରାଜ୍ୟ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରିଆସୁଥିଲେ। ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ଗର୍ଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ଏହି ଅସବରରେ ବିଦାୟୀ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ସେଠାରେ ଉପସ୍ଥିତ ଥିଲେ।

୧୯୯୧ ବ୍ୟାଚର ଓଡ଼ିଶା କ୍ୟାଡରର ଆଇଏଏସ ଅଫିସର ହେଉଛନ୍ତି ଅନୁ ଗର୍ଗ। ୧୯୯୩ରେ ପ୍ରଥମେ ସେ ଝାରସୁଗୁଡ଼ାର ଉପ-ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିଲେ।



ଏହା ପରେ କଳାହାଣ୍ଡି ଜିଲ୍ଲାର ଉପ ଜିଲ୍ଲାପାଳ ଏବଂ ପରେ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇ ଥିଲେ। ବରଗଡ଼ ଓ ସମ୍ବଲପୁରର ଜିଲ୍ଲାପାଳ ରହିସାରିଛନ୍ତି ଅନୁ ଗର୍ଗ। ଏହାଛଡ଼ା ଦିଲ୍ଲୀରେ ଓଡ଼ିଶା ଡେପୁଟି ଆବାସିକ କମିଶନର ରହିଥିଲେ। ୨୦୦୦-୨୦୦୨ ଯାଏ ଆଇସିଡିଏସର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ୨୦୦୨ରୁ ୨୦୦୩ ପର୍ଯ୍ୟନ୍ତ ସେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପଦରେ କାର୍ଯ୍ୟ କରିଥିଲେ। *(ପୃଷ୍ଠା ୭ରେ)*

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାର ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅନୁ ଗର୍ଗଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟର ସିଭିଲ ସର୍ଭିସ୍ ନେତୃତ୍ୱ ନେବାରେ ସେ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହେବାରୁ ତାଙ୍କର ନିଯୁକ୍ତିକୁ ଏକ ଐତିହାସିକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି *(ପୃଷ୍ଠା ୭ରେ)*

## ଆଉ ୨ ମାସ ବଢ଼ିଲା ଇ-କେୱାଇସି ଅବଧି




**ଭୁବନେଶ୍ୱର, ୩୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ରାସନ କାର୍ଡ ପାଇଁ ବୁଧବାର (ଡିସେମ୍ବର ୩୧)ରେ ସରୁଥିଲା ଇ-କେୱାଇସି ଅବଧି। ଏବେ ସୁଦ୍ଧା ୯୬ ପ୍ରତିଶତ ଇ-କେୱାଇସି କରି ସାରିଥିବା ବେଳେ ବାକି ୪ ପ୍ରତିଶତ ଲୋକ କରିନାହାନ୍ତି। କଟକ ଏବଂ ଉପକୂଳ ଜିଲ୍ଲା ଗୁଡ଼ିକରେ ଅଧିକ ହିତାଧିକାରୀ ଇ-କେୱାଇସି କରି ନାହାନ୍ତି। ସରକାର ଚାହୁଁଛନ୍ତି କାହାର କାର୍ଡ ନ କଟୁ, ସେଥିପାଇଁ ସମସ୍ତେ ଆଉ ୨ ମାସ ସମୟ ଭିତରେ ଇ-କେୱାଇସି କରି ଦିଅନ୍ତୁ ବୋଲି ନିବେଦନ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏବେ ସୁଦ୍ଧା ନୂଆ ୮ ଲକ୍ଷ ରାସନ କାର୍ଡ ସରକାର ବାଣ୍ଟି ସାରିଲେଣି ବୋଲି ସେ କହିଛନ୍ତି।

## ଘେଁସ କଲେଜକୁ ଶହୀଦ ମାଧୋ ସିଂହଙ୍କ ନାମରେ ନାମିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଘେଁସଠାରେ ରାଜ୍ୟ-ସ୍ତରୀୟ ବୀରତା ଦିବସ ଏବଂ ଶହୀଦ ମାଧୋ ସିଂହଙ୍କ ସ୍ମୃତି ସମାରୋହ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଘେଁସ ଗ୍ରାମରେ ଶହୀଦଙ୍କ ସ୍ମାରକୀ ପ୍ରତିଷ୍ଠା ହେବ ଏବଂ ଏଥିରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ସହିତ ଏକ ସ୍ୱାଗତ ତୋରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ୬.୨୬ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରୁଛନ୍ତି। ଏହି ଯୋଜନାରେ ୧୫ କୋଟି ଟଙ୍କା ବିନିଯୋଗରେ ଶହୀଦ ମାଧୋ ସିଂହଙ୍କ ଜନ୍ମପୀଠ ଓ ଗ୍ରାମର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଘେଁସ କଲେଜକୁ ଶହୀଦ ମାଧୋ ସିଂହ ସ୍ମାରକୀ ମହାବିଦ୍ୟାଳୟ ନାମରେ ନାମିତ



କରାଗଲା ବୋଲି ଘୋଷଣା କରିଥିଲେ। ଏଥି ସହିତ ୪ କୋଟି ୪୦ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟରେ ୧୦୦ ଆସନ ବିଶିଷ୍ଟ ଏକ ଆଧୁନିକ ଅର୍ବାନ ମଡର୍ଣ୍ଣ ଗାର୍ଲ୍‌ସ ହଷ୍ଟେଲ ମଧ୍ୟ ନିର୍ମାଣ କରାଯିବ ଏବଂ ଘେଁସ କଲେଜକୁ ସମ୍ପୂର୍ଣ୍ଣ ନୂଆରୂପରେ ବିକାଶ କରାଯିବ ବୋଲି ସେ ଘୋଷଣା କରିଥିଲେ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାଧୋ ସିଂହଙ୍କ ପରି ଦେଶଭକ୍ତ ସମ୍ପୂର୍ଣ୍ଣ ମାନବ ସମାଜକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ତ୍ୟାଗ କେବଳ ଓଡ଼ିଶା ନୁହେଁ, ସାରା ଭାରତ ଏପରିକି ବିଶ୍ୱ ଇତିହାସରେ ବିରଳ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଦେଶପାଇଁ ସେ ନିଜ ଜୀବନ ସହିତ ନିଜର ଚାରିପୁଅ ଓ ଜାମାତାଙ୍କର ମଧ୍ୟ ବଳିଦାନ ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଦିବାସୀ କେବଳ ଯୁଦ୍ଧ ନୁହେଁ, ସମାଜ ଗଠନ ଦିଗରେ, ସାମାଜିକ ଶୃଙ୍ଖଳା ରକ୍ଷା *(ପୃଷ୍ଠା ୭ରେ)*

## ଗାଡ଼ି ଚାଳକଙ୍କୁ ଆଶ୍ୱସ୍ତି : ମାର୍ଚ୍ଚ ୩୧ ଯାଏ ବଢ଼ିଲା ପିୟୁସି ସାର୍ଟିଫିକେଟ୍ ଅବଧି

**ଭୁବନେଶ୍ୱର, ୩୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ଗାଡ଼ି ଚାଳକଙ୍କୁ ମିଳିଲା ଆଶ୍ୱସ୍ତି। ମାର୍ଚ୍ଚ ୩୧ ଯାଏଁ ପିୟୁସିସି ଅବଧି ବୃଦ୍ଧି କରାଯାଇଛି। ଏନେଇ ବୁଧବାର ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା। ସେ କହିଛନ୍ତି ଯେ, ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହା ପରେ ଅର୍ଥାତ୍ ୧ ଏପ୍ରିଲରୁ ପିୟୁସି ସାର୍ଟିଫିକେଟ୍ ନଥିଲେ ଆକ୍ସନ ନେବେ ସରକାର। ମାର୍ଚ୍ଚ ୩୧ ସୁଦ୍ଧା ପ୍ରଦୂଷଣ ପ୍ରମାଣପତ୍ର କରାଇନେବାକୁ ପରିବହନ ମନ୍ତ୍ରୀ ଗାଡ଼ିଚାଳକମାନଙ୍କୁ ନିବେଦନ କରିଛନ୍ତି।

ମନ୍ତ୍ରୀ କହିଛନ୍ତି, ଅନିୟମିତତାକୁ ଦେଖି ୪୨ଟି ଟେଷ୍ଟିଂ ସେଣ୍ଟରର ଲାଇସେନ୍ସ ରଦ୍ଦ ହୋଇଛି। ଅଧିକରୁ ଅଧିକ ଟେଷ୍ଟିଂ ସେଣ୍ଟର ଖୋଲିବାକୁ ଆହ୍ୱାନ କରାଯାଇଛି। ଯେଉଁମାନେ ଟେଷ୍ଟିଂ ସେଣ୍ଟର ପାଇଁ ଆବେଦନ କରିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ।

## ପୁରୀ ପୌରପାଳିକା ହେଲା ମହାନଗର ନିଗମ

**ଭୁବନେଶ୍ୱର, ୩୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ବୁଧବାରଠାରୁ ପୁରୀ ପୌରପାଳିକା ମହାନଗର ନିଗମରେ ପରିଣତ ହୋଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ଭାରତ ବର୍ଷର ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ହେଉଛି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ। ଏଠାରେ ପ୍ରତିଦିନ ଦେଶବିଦେଶର ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ପୁରୀବାସିନ୍ଦା, ଭକ୍ତ ଓ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ମାନର ସୁବିଧା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଜୁଲାଇ ୩ ତାରିଖରେ ପୁରୀକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଏଥିପାଇଁ ପୁରୀବାସୀଙ୍କ ମଧ୍ୟ ବହୁ ଦିନର ଦାବୀ ରହିଆସିଥିଲା।

ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦ୍ୱାରା ପୁରୀ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ଲହରୀ ଖେଳି ଯାଇଛି। ମହାନଗର ଗଠନ




ହେବା ଦ୍ୱାରା ପୁରୀ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହ ଏକ ବୃହତ୍ ସହରାଞ୍ଚଳ ଗଠନ ହେବ।

ପୁରୀ ସହ ୪ଟି ସହର ଏନଏସି ହେଲା ବୋଲି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଗୁଡ଼ିକ ହେଲା ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଓ ବାଲେଶ୍ୱର ଜିଲ୍ଲାର ବସ୍ତା। ଏହା ସହିତ ବ୍ରହ୍ମପୁର ମହାନଗର ନିଗମର କଳେବର ବୃଦ୍ଧି ସମ୍ପର୍କରେ ମଧ୍ୟ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି । ଏ ସମ୍ପର୍କରେ ସ୍ୱାୟତ୍ତଶାସନ ଦିବସ ଅଗଷ୍ଟ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

DADLS-73




ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

ଓଡ଼ିଶା ଶାସନ

ଇଂରାଜୀ ନୂଆବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା





# ବିନା ଅଧ୍ୟାପକରେ ଚାଲିଛି ଶିକ୍ଷାଦାନ : ଏକମାତ୍ର ସରକାରୀ ମହିଳା ମହାବିଦ୍ୟାଳୟ ଅବହେଳିତ

**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲାର ସର୍ବପୁରାତନ ଏକମାତ୍ର ସରକାରୀ ମହିଳା ମହାବିଦ୍ୟାଳୟ ମୁଖ୍ୟାଳୟ ଭବାନୀପାଟଣା ସହରରେ ଥାଇ ମଧ୍ୟ ଅବହେଳିତ ହୋଇପଡ଼ିଛି । ୪୫ବର୍ଷ ପରେ ଯୁକ୍ତ ୨ରେ ୮ଟି ବିଭାଗ ଓ ଯୁକ୍ତ ୩ରେ ୭ଟି ବିଭାଗରେ ଅଧ୍ୟାପକ ନ ଥିବାରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ବିନା ଅଧ୍ୟାପକରେ ଶିକ୍ଷାଦାନ ଚାଲିଥିବା ଯୋଗୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।




ଭବାନୀପାଟଣା ସହରର ନକଟିଗୁଡ଼ାଠାରେ ୧୯୮୧ ମସିହାରେ ସରକାରୀ ମହିଳା ମହାବିଦ୍ୟାଳୟ ଘରୋଇ ଭାବେ ଆରମ୍ଭ ହୋଇଥିଲା । ୧୯୮୩ରେ ଏହି ମହାବିଦ୍ୟାଳୟକୁ ସରକାର ହାତକୁ ନେଇଥିଲେ । ବର୍ତ୍ତମାନ ଏହି ମହାବିଦ୍ୟାଳୟରେ ଯୁକ୍ତ ୨ରେ ୫୮୪ ଜଣ ଓ ଯୁକ୍ତ ୩ରେ ୧୧୧୯ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ସମୁଦାୟ ୧୭୦୩ ଛାତ୍ରୀ ଯୁକ୍ତ ୨ରେ ୯ଟି ବିଭାଗରେ ଓ ଯୁକ୍ତ ୩ରେ ୧୨ଟି ବିଭାଗରେ ଅଧ୍ୟୟନ କରୁଛନ୍ତି । ଯୁକ୍ତ ୨ର କେବଳ ଭୂଗୋଳ ବିଭାଗରେ ଜଣେ ଅଧ୍ୟାପକ ଥିବାବେଳେ ଓଡ଼ିଆ, ଇଂରାଜୀ, ଅର୍ଥନୀତି, ଇତିହାସ, ରାଜନୀତି ବିଜ୍ଞାନ, ଶିକ୍ଷା, ମନସ୍ତତ୍ତ୍ୱ ଓ ହୋମ ସାଇନ୍ସ ବିଭାଗ ସମେତ ୮ଟି ବିଭାଗରେ ଆଦୌ ଅଧ୍ୟାପକ ନାହାନ୍ତି । ସେହିଭଳି ଯୁକ୍ତ ୩ର ୧୨ଟି ବିଭାଗ ମଧ୍ୟରୁ ସଂସ୍କୃତ, ନୃତତ୍ତ୍ୱ, ହୋମ ସାଇନ୍ସ, ଶିକ୍ଷା, ମନସ୍ତତ୍ତ୍ୱ ଓ ରାଜନୀତି ବିଜ୍ଞାନ, ସାମାଜିକ ବିଜ୍ଞାନ ସମେତ ୭ଟି ବିଭାଗରେ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ସେହିଭଳି ପିଇଟି, ମୁଖ୍ୟକିରାଣି ଓ ଲାଇବ୍ରେରିଆନ ପଦବୀ ଖାଲି ପଡିଛି । ଲାଇବ୍ରେରି ଆଟେଣ୍ଡାଣ୍ଟ ୩ଟି, ପିଅନ ପଦବୀ ୪ଟି, ଗୋଟିଏ ସୁଇପର ଓ ନାଇଟ ୱାଚର ପଦବୀ ଖାଲି ପଡ଼ିଛି । କଲେଜରେ ୨.୯ ଏକର ଜମି ଥିବାବେଳେ ଖେଳ ପଡ଼ିଆ ନାହିଁ । ଜାଗା ଅଭାବ ଯୋଗୁ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲାଯାଇ ପାରୁନାହିଁ । ଏହି ସମସ୍ୟାକୁ ନେଇ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ପଦବୀ ପୂରଣ ହୋଇପାରୁନାହିଁ । ସେହିଭଳି ଯୁକ୍ତ ୩ରେ ଅଧ୍ୟାପକ ପଦବୀ ନ ଥିବା ଯୋଗୁ ଅନର୍ସ ବିଭାଗ ଖୋଲାଯାଇ ପାରୁନାହିଁ । ୪ଶହ ଶଯ୍ୟା ବିଶିଷ୍ଟ ୨ଟି ହଷ୍ଟେଲ ଥିଲେ ମଧ୍ୟ ପାଚେରି ନ ଥିବାରୁ ଅସୁରକ୍ଷିତ ରହିଛି । ଉଚ୍ଚଶିକ୍ଷା ବିଭାଗ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ସହରବାସୀ ଦାବି କରିଛନ୍ତି ।

# ଡେରାବିଶ ମହୋତ୍ସବରେ ଆମ ଗାଁ ସାହିତ୍ୟ ପରିଷଦର କବିତା ପାଠୋତ୍ସବ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ତରଫରୁ ଡେରାବିଶ ମହୋତ୍ସବରେ ସାଂସ୍କୃତିକ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଅବସର ପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଡ. ଭକ୍ତ କବି ଦାସ, ମୁଖ୍ୟ ବକ୍ତା ବିଶିଷ୍ଟ ସ୍ତମ୍ଭକାର ଡ. ସର୍ବେଶ୍ୱର ସେଣ, ସମ୍ମାନୀତ ଅତିଥି ଭାବେ ମୌସୁମୀ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ଡ. ଶ୍ରୀଧର କୁମାର ସାମଲ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ବିଶିଷ୍ଟ ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସାହୁ, ଭରତ ଚରଣ ସାହୁ ପ୍ରମୁଖ ଯୋଗ ଦେଇ ସାହିତ୍ୟ, ସଂସ୍କୃତି, ସମ୍ପ୍ରକ୍ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ସାହିତ୍ୟ ସଂସ୍କୃତିର ବାହକ ବୋଲି କହିବା ସହ ଏହା ମହୋତ୍ସବଟିକୁ ଆହୁରି ରଙ୍ଗାୟିତ କରେ ବୋଲି ପ୍ରକାଶ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯୋଗ ଗୁରୁ ସଞ୍ଜୟ କୁମାର ମଥାନ ବେଦ ପାଠ, ଟୁଇଁକିଲ ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ଯୋଗ । ଭିନୟ କରିଥିଲେ । କବୀ ପ୍ରଭାତୀ ଧଳ, ରାଜେଶ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ସର୍ବଶ୍ରୀ ଅଜୟ କୁମାର ପାତ୍ର, ଗୀତାଞ୍ଜଳି ସାହୁ, ଅମର ପ୍ରସାଦ ରାଉତ ଶୈଳଜା ଶଙ୍କର ସାମଲ, ରଜନୀକାନ୍ତ ଦାସ, ବାପିନ କୁମାର ମଲ୍ଲ, ନିକୁଞ୍ଜ ବିହାରୀ ପୃଷ୍ଟି, ଡ ନାରାୟଣ ପତି, ଅନିତା ପୃଷ୍ଟି, ସ୍ୱର୍ଣ୍ଣମୟୀ ଷଡଙ୍ଗୀ, ବଂଶୀଧର ମହାନ୍ତି, ରଞ୍ଜନ ବାଇ ପ୍ରମୁଖ ପଚାଶ ଜଣ ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ଟିଟି କାନ୍ତ ନାୟକ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ଚୌଦ୍ୱାର ସର୍କଲ ଜେଲ ପରିଦର୍ଶନ କଲେ ଡିସିପି

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

କଟକ ଡିସିପି ରିଷିକେଶ ଡି. ଖିଲାରୀ ଚୌଦ୍ୱାର ସର୍କଲ ଜେଲ ପରଦର୍ଶନ କରି ଜେଲର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି । ଡିସିପିଙ୍କ ସହିତ ଅତିରିକ୍ତ ଏସ୍‌ପି ମୀନାକ୍ଷୀ ଠାକୁର ଏବଂ ଜିଲ୍ଲାଜଜ୍ ମାନସ ରଞ୍ଜନ ବାରିକ ଜେଲରେ ଦୀର୍ଘ ସମୟ ରହି ଜେଲର ସୁପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଜେଲର ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି । ଡିସିପିଙ୍କ ଏହା ରୁଟିନ ପରିଦର୍ଶନ କିମ୍ବା ସୁରକ୍ଷା ବ୍ୟବସ୍ଥାର ଅବହେଳା ସମ୍ପର୍କିତ ଯାଞ୍ଚ ତାହା ଜଣାପଡ଼ିନାହିଁ । ସୂଚନାଯୋଗ୍ୟଯେ ଆଜକୁ କିଛି ଦିନ ହେବ ଜେଲରେ ନାନା ଅଘଟନ ଘଟି ସବୁବେଳେ ଚର୍ଚ୍ଚାରେ ରହିଆସିଛି । ଗତ ଅକ୍ଟୋବର ମାସରେ ଜେଲର ସୁଉଚ୍ଚ ପାଚେରୀ ଡେଇଁ ୨ ଜଣ କୁଖ୍ୟାତ ଅପରାଧୀ ଫେରାର ହୋଇଯିବା ଓ ତା'ର କିଛିଦିନ ପରେ ଜନୈକ ଆଜୀବନ କଏଦୀ ଆତ୍ମହତ୍ୟା କରିବା ଘଟଣା ସହିତ ବହୁ ଛୋଟବଡ଼ ଘଟଣା ଘଟ ଯାଇଛି ।

## ସ୍ଥାନୀୟ ପ୍ରଶାସନକୁ କଥା ଦେଇ କଥା ରଖିଲାନି ଠିକାସଂସ୍ଥା

# ମରାମତି ହୋଇପାରୁନି ଷ୍ଟ୍ରିଟ୍ ଲାଇଟ୍ : ବଢୁଛି ଜନ ଅସନ୍ତୋଷ

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର କଶ୍ମୀର ଭାବେ ପରିଚିତ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଆଉ କିଛି ଦିନ ପରେ ପାଳିବ ଶୀତ ମହୋତ୍ସବ । ଏଥିପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି । ବୈଠକରେ ବାରମ୍ବାର ଦାରିଙ୍ଗବାଡ଼ିର ସମସ୍ତ ରାସ୍ତାଘାଟରେ ଲାଗିଥିବା ସୋଲାର ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡ଼ିଛି । ତାକୁ ତୁରନ୍ତ ମରାମତି କରାଯିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଠିକାସଂସ୍ଥା ମଧ୍ୟ ୩ ଦିନ ମଧ୍ୟରେ ମରାମତି କାର୍ଯ୍ୟ ଆରମ୍ଭ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲା । ଇତି ମଧ୍ୟରେ ୧ ମାସ ବିତିଲା କିନ୍ତୁ ପ୍ରଶାସନକୁ କଥା ଦେଇ କଥା ରଖି ନ ଥିବା ଅଭିଯୋଗ ହେଉଛି । ଦାରିଙ୍ଗବାଡ଼ି ଅଞ୍ଚଳବାସୀ ସମେତ ଦାରିଙ୍ଗବାଡ଼ି ବୁଲିବାକୁ ଆସୁଥିବା ପର୍ଯ୍ୟଟକ ସନ୍ଧ୍ୟା ହେଲେ ଦାରିଙ୍ଗବାଡ଼ି



ଅଞ୍ଚଳରେ ବୁଲିବା ସୁରକ୍ଷିତ ମଣୁ ନାହାନ୍ତି । ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି ।

ସୂଚନାଯୋଗ୍ୟ, ୫୯ ନଂ ଜାତୀୟ ରାଜପଥକୁ ଆରକେଡି ଠିକାସଂସ୍ଥା ସମ୍ପ୍ରସାରଣ କରିଥିଲା । ଏହି ସମୟରେ ରାଜପଥ କଡ଼ରେ ପ୍ରତି ୩୦ମିଟର ଦୂରତାରେ ସୋଲାର ପ୍ୟାନେଲ, ବେଟେରୀ ଥାଇ ଷ୍ଟ୍ରିଟ୍ ଆଲୁଅ ବ୍ୟବସ୍ଥା କରିଥିଲା କିନ୍ତୁ ଅଳ୍ପ କିଛି ଦିନ ମଧ୍ୟରେ ପ୍ରାୟ ସମସ୍ତ ଷ୍ଟ୍ରିଟ୍ ଆଲୁଅରୁ ଚୋରି ସହ ଭଙ୍ଗାରୁଜା ହୋଇରହିଛି । ତେବେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଉକ୍ତ ଠିକାସଂସ୍ଥାର ରହିଥିବା ବେଳେ ସଂସ୍ଥା ଏହା କରୁ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ ଲୋକ ଜିଲାପାଳ ବେଦଭୂଷଣଙ୍କ ସମେତ ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ, ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଶାସନ ମଧ୍ୟ ଠିକାସଂସ୍ଥାର ପ୍ରକଳ୍ପ ପରିଚାଳକଙ୍କୁ ଡକାଇ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ ହେଲେ ଆଜି ପର୍ଯ୍ୟନ୍ତ ଠିକାସଂସ୍ଥା ନିରବ ବସିଥିବା ପୁଣି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଉକ୍ତ ବ୍ଲକର କିରିକୁଟି ପଞ୍ଚାୟତ ସମେତ ସିମନବାଡ଼ି, ଶ୍ରାନିକେତା, ଦାରିଙ୍ଗବାଡ଼ି ଏବଂ ସିଆଙ୍ଗବାଲି ପଞ୍ଚାୟତ ଦେଇ ଯାଇଥିବା ରାଜପଥ କଡ଼ରେ ଏବେ ୩ ଶହରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍ ଆଲୁଅ ଅଚଳ ହୋଇପଡ଼ିଛି । ଏନେଇ ଆରକେଡିର ପ୍ରକଳ୍ପ ପରିଚାଳକ ଶିଶିର ସ୍ୱାଇଁଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ପ୍ରାୟ ଚୋରି ହୋଇଯାଇଛି । ତେଣୁ ଷ୍ଟ୍ରିଟ୍ ଆଲୁଅକୁ ସ୍ୱାଭାବିକ କରିବା ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଡ଼ ଚାଲିଛି ଦିନେ କି ଦୁଇ ଦିନ ମଧ୍ୟରେ ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି ।

## ଭାଗବତ ଟୁଙ୍ଗି ସୁରକ୍ଷା ସମିତି ପକ୍ଷରୁ ସାଧାରଣ ଅଧିବେଶନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ପଣିବନ୍ଧ ଗ୍ରାମର ତ୍ରିନାଥ ଦେବ ମନ୍ଦିର ପ୍ରାଙ୍ଗଣରେ ଭାଗବତ ଟୁଙ୍ଗି ସୁରକ୍ଷା ସମିତି ପକ୍ଷରୁ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଓଁ ନମୋ ଭଗବତେ ବାସୁଦେବାୟ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଗ୍ରାମ୍ୟ ପରିକ୍ରମା କରାଯାଇ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଇଥିଲା । ନିରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ମାନସ ନାହାକ, ସମ୍ମାନିତ ଅତିଥିଭାବେ ମଣ୍ଡଳ ସଭାପତି ଟୁକୁନା ସାହୁ, ବାବା ଅନନ୍ତ ବଳିଆ ଶିଷ୍ୟ ରାମା ରାଓ, ଆଧାତ୍ମିକ ବ୍ୟକ୍ତିତ୍ୱ କବିରାଜ ସ୍ୱାଇଁ, ମୁଖ୍ୟବକ୍ତା ମଲାଡ଼ ଅଭିରାମ ଆନନ୍ଦ ମଠାଧିଶ ରାସାନନ୍ଦ ଦାସ ପ୍ରମୁଖ ଭାଗବତ ଟୁଙ୍ଗି ସୁରକ୍ଷା ଓ ଆଧାତ୍ମିକ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଶେଷଦେବ ବେହେରା, ସହ ସମ୍ପାଦକ କୃଷ୍ଣ ନାୟକ, କୋଷାଧକ୍ଷ କବିରାଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂର୍ବତନ ଗ୍ରାମ୍ୟ ସଭାପତି ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ସରପଞ୍ଚ ପ୍ରଭାତ ସେଠୀ,ଟି. ଡମ୍ବରୁ, ପ୍ରକାଶ ସାହୁ,ବାଉରୀ ସେଠୀ, ଡି. ରାଜେନ୍ଦ୍ର, ଡି. ଶ୍ୟାମ ପ୍ରମୁଖ ଏବଂ ଭାଗବତ ଟୁଙ୍ଗି, ଗ୍ରାମ୍ୟ କମିଟି ସହଯୋଗ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଅସହାୟ ମୂକ ବଧିର ଯୁବତୀ ଉଦ୍ଧାର



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ତଳ ବଜାରରେ ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ମୂକ ଓ ବଧିର ଯୁବତୀଙ୍କୁ ଚୌଦ୍ୱାର ପୋଲିସ୍ ଉଦ୍ଧାର କରିଛି । ଜଣେ ଯୁବତୀ ତଳ ବଜାର ଅଞ୍ଚଳରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଥାନାର ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଯୁବତୀ ଜଣକୁ ଉଦ୍ଧାର କରି ସ୍ଥାନୀୟ ଶିଶୁ ସଦନରେ ଅସ୍ଥାୟୀ ଭାବେ ରଖିଛନ୍ତି । ଯୁବତୀ ଜଣକର ବୟସ ୨୪ରୁ ୨୫ ବର୍ଷ ମଧ୍ୟରେ ହେବା ଅନୁମାନ କରାଯାଉଛି । ସେ ମୂକ ଓ ବଧିର ହୋଇଥିବାରୁ ତାଙ୍କ ନାମ ଓ ଠିକଣା ସମ୍ପର୍କରେ କୌଣସି ସୂଚନା ମିଳି ପାରୁ ନାହିଁ । ଯଦି କୌଣସି ବ୍ୟକ୍ତି ତାଙ୍କୁ ଜାଣିଥାନ୍ତି ତେବେ ସ୍ଥାନୀୟ ପୋଲିସ ସହିତ ଯୋଗାଯୋଗ କରିବା ପାଇଁ ପୋଲିସ୍ ତରଫରୁ ନିବେଦନ କରାଯାଇଛି ।

## ୬ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ, ୪୦ ହଜାର ଟଙ୍କା ଜରିମାନା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

୬ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲାରେ ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟର ରାୟ । ଘଟଣାର ମାତ୍ର ୧୬୫ ଦିନରେ ମାମଲାର ତ୍ୱରିତ ବିଚାର କରି ଦୋଷୀକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ସୂଚନା ଅନୁଯାୟୀ, ୨୦୨୫ ମସିହାରେ ବନ୍ଧୁଗାଁ ଥାନା ଅଞ୍ଚଳରେ ଘଟିଥିବା ୬ ବର୍ଷୀୟା ଶିଶୁକନ୍ୟା ଦୁଷ୍କର୍ମ ମାମଲାର ବିଚାର କରି ୧୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୪୪ ଗୋଟି ଦସ୍ତାବିଜକୁ ଭିତ୍ତି କରି ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟର ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁଶ୍ରୀ ପ୍ରଜ୍ଞା ନଳିନୀ ମିଶ୍ର ବନ୍ଧୁଗାଁ ଥାନା ଅଞ୍ଚଳର ୱେଙ୍କା ପୀଡ଼ିକା (୩୦)କୁ ପୋକ୍ସ ଆଇନର ଧାରା ୪(୨) ଅନୁଯାୟୀ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାରଟଙ୍କା ଜୋରିମାନା ଏବଂ ଧାରା ୬ ଅନୁଯାୟୀ ୨୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଟଙ୍କା ଅନାଦେୟ ଦୋଷୀକୁ ୧୨ ମାସ ଅଧିକା କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି ଅଦାଲତ । ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ ।

# ଉନ୍ନତୀକରଣରେ ଖର୍ଚ୍ଚ ହେଲାଣି ସାଢ଼େ ୪ କୋଟି, ତଥାପି ସମସ୍ୟାରେ 'ସପ୍ତଶଯ୍ୟା'

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ସାତ ପାହାଡ଼ର ସୌନ୍ଦର୍ଯ୍ୟ ସପ୍ତଶଯ୍ୟାର ଉନ୍ନତିକରଣରେ ଖର୍ଚ୍ଚ ହୋଇଛି ୪ କୋଟି ୬୦ ଲକ୍ଷ ଟଙ୍କା । ମାତ୍ର କରାଯାଇଥିବା ଉନ୍ନତିକରଣ ଦେଖା ସୁନ୍ଦର ହୋଇଥିବା ସ୍ଥଳେ ପର୍ଯ୍ୟଟକଙ୍କ ସୁବିଧା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ପାହାଡ଼ ଉପରେ ଥିବା ରଘୁନାଥ ଜୀଉଙ୍କ ମନ୍ଦିରକୁ ଯାଇଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ବି ତାହାର ମରାମତି କରାଯାଉନାହିଁ । ଶୌଚାଳୟ, ଯାତ୍ରୀ ବିଶ୍ରାମଗାର ସବୁକିଛି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି । ପର୍ଯ୍ୟଟକ ହୀନସ୍ତା ହେଉଥିଲେ ବି ପ୍ରଶାସନ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି ।

ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ସପ୍ତଶଯ୍ୟା ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ପର୍ଯ୍ୟଟନ ଋତୁରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏଠାକୁ ଲୋକଙ୍କ ଆଗମନ ହୋଇଥାଏ । ଦୀର୍ଘ ବର୍ଷ ଧରି ଏହା ଅବହେଳିତ ହୋଇ ପଡ଼ିଥିଲା । ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୪ କୋଟି ୬୦ ଲକ୍ଷ ଟଙ୍କା ଉନ୍ନୟନ ପାଇଁ ମଞ୍ଜୁର କରିଥିଲେ । ଓଟିଡିସି ଏହାର କାମ କରିବ ବୋଲି ଦୀର୍ଘ ବର୍ଷ ଟଙ୍କା ପଡ଼ି ରହିଥିଲେ ହେଁ, କାମ ହେଉନଥିଲା । ଶେଷରେ ପ୍ରଶାସନର ନିଦ ଭାଙ୍ଗିଥିଲା । ଦୁଇ ବର୍ଷ ହେଲା କାମ ହୋଇ ନିକଟରେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବଣଭୋଜି ହେଉଥିବା ପାହାଡ଼ ପାଦଦେଶରେ ପଥର ବିଛାଯାଇ କିଛି ଉନ୍ନୟନ କାମ ହୋଇଛି । ପ୍ରବେଶ ତୋରଣ ଆଦି ନିର୍ମାଣ ହୋଇଛି । ତୋରଣ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ । ଏସବୁ ମଧ୍ୟରେ ପର୍ଯ୍ୟଟକଙ୍କ ସୁବିଧା ପ୍ରତି ଦୃଷ୍ଟି ଦିଆଯାଇନାହିଁ । ପାହାଡ଼ ଉପରେ ରଘୁନାଥ ଜିଉଙ୍କ ମନ୍ଦିର ରହିଛି । ପର୍ଯ୍ୟଟକ ଚାଲିଚାଲି ଏବଂ ଗାଡ଼ିରେ ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି । କିଛି ବର୍ଷ ପୂର୍ବରୁ ଏକ କିମିରୁ ଊର୍ଦ୍ଧ୍ୱ




କଂକ୍ରିଟ୍ ରାସ୍ତା ଉପର ପର୍ଯ୍ୟନ୍ତ କରାଯାଇଥିଲା । ଯାହା ମରାମତି ଅଭାବରୁ ଉଠି ଯାଇ ଏବେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଗାଡ଼ି ଉପରକୁ ଉଠିବା ବେଳେ କିମ୍ବା ଗଡ଼ିବା ବେଳେ ଚକା ଖାଲରେ ପଡ଼ି ଭାରସାମ୍ୟ ହରାଉଥିବା ଦେଖାଯାଉଛି । ମଟରସାଇକେଲ ପାଇଁ ଅଧିକ ବିପଦ ରହିଛି । କୌଣସି ସମୟରେ ଦୁର୍ଘଟଣା ଆଶଙ୍କା ରହିଛି ।

ସେହିଭଳି ରଘୁନାଥ ମନ୍ଦିର ନିକଟରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ତିଆରି ହୋଇଥିବା ଶୌଚାଳୟରେ ପାଣି ରହୁନଥିବା ବେଳେ ଅପରିଷ୍କାର ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି । ଯାତ୍ରୀ ବିଶ୍ରାମଗାରର ସୁବିଧା ନାହିଁ । ପାହାଡ଼ ଉପରକୁ ଯାଉଥିବା ଲୋକ ଥକିବା ପରେ ମୌଳିକ ସୁବିଧା ନପାଇ ହନ୍ତସନ୍ତ ହେଉଛନ୍ତି । ବିଶେଷ କରି ମହିଳାମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ନେଟୱାର୍କ, ପାଣି, ଲାଇଟ୍ ଭଳି ଅନେକ ସମସ୍ୟାରେ ସପ୍ତଶଯ୍ୟା ସନ୍ତୁଳି ହେଉଥିବା ବେଳେ କେବଳ ସୌନ୍ଦର୍ଯ୍ୟକରଣରେ ସାଢ଼େ ୪ କୋଟି ଖର୍ଚ୍ଚ ହୋଇଛି । ଏ ନେଇ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କହିଛନ୍ତି, ବନ ବିଭାଗର କଟକଣା ରହିଥିବାରୁ ରାସ୍ତା କରିବା ଅସମ୍ଭବ । ସେତେବେଳେ ଯେଉଁ ବିଭାଗ ରାସ୍ତା କରିଥିବ ସେହି ବିଭାଗ ହିଁ ତାହାର ମରାମତି କରିବ । ଶୌଚାଳୟ, ଯାତ୍ରୀ ବିଶ୍ରାମଗାର ଆଦି ମନ୍ଦିର ପରିସରରେ ରହୁଥିବାରୁ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦେବୋତ୍ତର ବିଭାଗର ଦାୟିତ୍ୱ ବୋଲି ଶ୍ରୀ ରାୟ କହିଛନ୍ତି । ଦେବୋତ୍ତର ବିଭାଗ କେବଳ ଭୋଗ ନିଲାମ ଆଦି ଦେଇ ଯାତ୍ରୀଙ୍କ ସୁବିଧାକୁ ଆଖି ବୁଜି ଦେଉଥିବା ଅଭିଯୋଗ ହୋଇଆସୁଛି । ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ସପ୍ତଶଯ୍ୟାର ପ୍ରକୃତ ସମସ୍ୟା ଦୂର ହୋଇପାରୁନାହିଁ । ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଖଇର କାଠ ସହିତ ଗାଡ଼ି ଜବତ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ରାତି ପାଟ୍ରୋଲିଂ ସମୟରେ ଦିନ ପ୍ରାୟ ୧୧.୦୦ଟା ସମୟରେ ଲାର୍କି ସେକ୍ସନର ଖରଖରା ଗ୍ରାମ ନିକଟରେ, କଣ୍ଟାବାଞ୍ଜି ରେଞ୍ଜର କର୍ମଚାରୀମାନେ ପ୍ରାୟ ୧୫ କ୍ୱିଣ୍ଟାଲ ଖଇରକାଠ ବୋଝେଇ ଏକ ଗାଡ଼ି ଜବତ କରିଥିଲେ । ଘଟଣା ସ୍ଥଳରୁ ଦୁଇଜଣଙ୍କୁ ଅଟକ ରଖାଯାଇଥିଲା । ଜବତ ଗାଡ଼ି ଏବଂ ସାମଗ୍ରୀଗୁଡ଼ିକୁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇ ଥିଲା । ଅଧିକ ତଦନ୍ତ ଜାରି ରହିଛି ।

## 'ବିଶ୍ୱରେ ଏକତା ସୃଷ୍ଟି ମାନବ ସଂହତି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ'



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମାନବ ସଂହତି ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ କୃଷ୍ଣଚନ୍ଦ୍ର ପାଢ଼ୀ ତଥା ସମ୍ମାନିତ ଅତିଥି ଭାବରେ ଗୋପୀନାଥ ମହାକୁର ମଞ୍ଚାସୀନ ଥିଲେ । ବିବିଧତା ମଧ୍ୟରେ ଏକତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଡିସେମ୍ବର ୨୦ ତାରିଖକୁ ଅନ୍ତର୍ଜାତୀୟ ମାନବ ଏକତା ଦିବସ ଭାବେ ପାଳନ କରାଯାଏ । ମିଳିତ ଜାତିସଂଘ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି ଦିବସ ଉପରେ ଅଧିକ ଗୁରୁତ୍ୱାରୋପ କରିଥାଆନ୍ତି । ସଦସ୍ୟ ରାଷ୍ଟ୍ରଗୁଡ଼ିକର ଦାରିଦ୍ର୍ୟ ହ୍ରାସ କରିବା ତଥା ଦାରିଦ୍ର୍ୟ ହ୍ରାସ ରଣନୀତି ପ୍ରସ୍ତୁତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ବିଶ୍ୱସ୍ତରରେ ଏହି ଏକତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ ବୋଲି ଅତିଥିମାନେ ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା ସ୍ୱାଗତ କରିଥିଲେ । ଏଥିରେ ଶ୍ୟାମସୁନ୍ଦର ସେଠୀ, ସତ୍ୟ ନାରାୟଣ ନାୟକ, ଜ୍ଞାନେନ୍ଦ୍ର ତ୍ରିପାଠୀ, ନାରାୟଣ ନାୟକ, ଅକ୍ରୂର ଦନ୍ତା, ନିମାଇଁ ଚରଣ ପଣ୍ଡା, ଚମରା ମହାକୁର, ଶିବ ଖମାରୀ, ରାଧେଶ୍ୟାମ ପୁରୋହିତ ପ୍ରମୁଖ ଯୋଗଦାନ କରିଥିଲେ । ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରବନ୍ଧନ ସମିତି ବୈଠକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ପିମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ପ୍ରବନ୍ଧନ ସମିତିର ଦ୍ୱିତୀୟ ବୈଠକ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର ସମିତିର ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । ବିଦ୍ୟାଳୟର ସୁପରିଚ୍ଳାନା ପାଇଁ ଆବଶ୍ୟକ ପ୍ରସ୍ତାବ ଗୁଡ଼ିକ ଅଧ୍ୟକ୍ଷଙ୍କ ଦ୍ୱାରା ସମିତି ସମ୍ମୁଖରେ ଆଲୋଚ଼ନା ପାଇଁ ଉପସ୍ଥାପିତ ହୋଇଥିଲା । ବୈଠକରେ ବିଦ୍ୟାଳୟ ପ୍ରବନ୍ଧନ ସମିତିର ଅଧ୍ୟକ୍ଷ ପ୍ରସ୍ତାବ ଗୁଡିକର ଆଶୁସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଆଲୋଚ଼ନା କରି ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ସହକାରୀ ଜିଲ୍ଲାପାଳ ସୁଶ୍ରୀ ଚ଼ାନ୍ଦିନୀ ମେହେର, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ପିମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମଦେଓ ପ୍ରସାଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରତିନିଧି ଡାକ୍ତର ସଂଘମିତ୍ର ପଣ୍ଡା, ପ୍ରକାଶ ଧଳ ଜେଟିଓ, ବିଏସଏନଏଲ, ଭୁବନେଶ୍ୱର ମିଶ୍ର, ଅଭିଭାବକ ଅଶ୍ୱିନୀ ମହାପାତ୍ର ଓ ଜୟନ୍ତୀ କର୍ଣ୍ଣ (ଶିକ୍ଷିକା) ପ୍ରମୁଖ ଉପସ୍ଥିତ ରହି ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ ।

# ଆଳୁ ମିଶନ : ଭିତ୍ତିଭୂମି ଅଛି, ଚାଷୀଙ୍କ ଆଗ୍ରହ ନାହିଁ

**ଭଣ୍ଡାରିପୋଖରୀ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକରେ ଆଳୁଚାଷ ପାଇଁ ଉପଯୋଗୀ ୮ଶହ ହେକ୍ଟର ଉର୍ବର ପଟୁ ମାଟି ମିଶା ଦୋରସା ଚାଷଜମି ରହିଛି । ବ୍ଲକରେ ୧୦ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ରାଜ୍ୟର ସର୍ବବୃହତ୍ 'ଚକାଡ଼ୋଳା' ଶୀତଳଭଣ୍ଡାର ମଧ୍ୟ ରହିଛି । ହେଲେ ଭିତ୍ତିଭୂମି ଥାଇ ବି ଚାଷୀମାନେ ଆଳୁଚାଷକୁ ଆଦରୁ ନାହାନ୍ତି । ଅର୍ଥକରୀ ଆଳୁଚାଷ ଯେଉଁ ପରିମାଣରେ ହେବା କଥା, ତାହା ହୋଇପାରୁ ନାହିଁ । ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ ପାଇଁ ସରକାରଙ୍କ ଲକ୍ଷ୍ୟ ପୂରଣ ହେବାରେ ଅନ୍ତରାୟ ସୃଷ୍ଟି ହୋଇଛି ।

ଏହି ବ୍ଲକ ଅଞ୍ଚଳରେ ବାର୍ଷିକ ୩,୪୫୫ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ । ହେଲେ ୨୦୨୪-୨୫ ବର୍ଷରେ ମାତ୍ର ୧୨.୨୯ ହେକ୍ଟର ଜମିରେ ଆଳୁଚାଷ ହୋଇଥିବା ବେଳେ ମାତ୍ର ୧୪.୫ ଟନ୍ ଉତ୍ପାଦିତ ହୋଇଥିଲା । ଚଳିତ ବର୍ଷ ୪୦ ହେକ୍ଟର ଜମିରେ ଆଳୁଚାଷ ଲକ୍ଷ୍ୟ ରଖାଯାଇଛି । ନଭେମ୍ବର ୧୫ରୁ ଡିସେମ୍ବର୧୫ ମଧ୍ୟରେ ଆଳୁ ବିହନ ରୋପଣ ହେବା କଥା । ସେଥିପାଇଁ ପ୍ରଥମ ଦଫାରେ ପଞ୍ଜାବରୁ 'କୁଫ୍ରି ଜ୍ୟୋତି' କିସମ ବିହନ ସରକାରଙ୍କ ପକ୍ଷରୁ ସ୍ଥାନୀୟ କୃଷି ଉଦ୍ୟାନ ବିଭାଗକୁ ଯୋଗାଇ ଦିଆଯାଇଛି । ବିଭାଗ ପକ୍ଷରୁ



ଚାଷୀମାନଙ୍କୁ କ୍ରମାଗତ ପ୍ରରୋଚିତ କରାଯିବା ପରେ ଏଯାବତ୍ ୨୪ ହେକ୍ଟର ଜମିରେ ଆଳୁ ବିହନ ଲଗାଯାଇଥିବା ସହକାରୀ କୃଷି ଉଦ୍ୟାନ ଅଧିକାରିଣୀ ଶୁଭଦର୍ଶନୀ ରଥ ସୂଚନା ଦେଇଛନ୍ତି । ଡିସେମ୍ବର ୨ ସୁଦ୍ଧା ବନ୍ଦାଲୋ, ମଢ଼ିଆଳି, ବାବଲପୁର, ଝୁଟୁଣା, ବାଲିପୋଖରୀ, କୋରକୋରା, ନିର୍ଗୁଣ୍ଡି, ଦକ୍ଷିଣବାଡ଼, କୋରିଗାଁ, ଷୋଳମପୁର ଆଦି ପଞ୍ଚାୟତର ଚାଷୀମାନଙ୍କୁ କିଲୋ ପିଛା ୨୦ ଟଙ୍କା ଦରରେ ବିହନ ଯୋଗାଇ ଦିଆଯାଇଛି । ସେଥିମଧ୍ୟରୁ ୧୦ଟଙ୍କା ଡିବିଟି ଯୋଗେ ବିହନ ଉପଯୋଗ କରିଥିବା ଚାଷୀମାନଙ୍କୁ ସବ୍‌ସିଡ୍ ମିଳିପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଆଗାମୀ ୨ ସପ୍ତାହ ମଧ୍ୟରେ ଚାଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ବିଭାଗ ଆଶାବାଦୀ ଅଛି । ଏହାଦ୍ୱାରା ଆଳୁ ଉତ୍ପାଦନ ୩ ହଜାର କୁଇଣ୍ଟାଲକୁ ବୃଦ୍ଧି ପାଇବ । ମାତ୍ର ଏହି ପରିମାଣ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ । ବ୍ଲକ ଅଞ୍ଚଳରେ ବୈତରଣୀ ନଦୀ ଉପକୂଳବର୍ତ୍ତୀ ୮ ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମି ଆଳୁଚାଷ ପାଇଁ ବେଶ୍ ଉପଯୋଗୀ । ସ୍ଥାନୀୟ ମୃତ୍ତିକାର ଉର୍ବରତା ଓ ପାଣିପାଗ ଦୃଷ୍ଟିରୁ ଏଠାରେ ମଧ୍ୟମ ପରିମାଣର ଆଳୁ ଉତ୍ପାଦନ ହୋଇପାରିବ । ଉତ୍ପାଦିତ ଆଳୁକୁ ମହଜୁଦ କରି ରଖିବା ପାଇଁ ୨୦୧୬ରେ କୃଷି ଉଦ୍ୟାନ ବିଭାଗ ସହାୟତାରେ 'ଆଳୁ ମିଶନ' ଲକ୍ଷ୍ୟ ପୂରଣ ନିମନ୍ତେ ୧୦ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହୋଇଥିଲା । ଉଦ୍ୟୋଗପତି ଉଦୟ ନାରାୟଣ ନନ୍ଦ ସ୍ଥାନୀୟ ଚାଷୀଙ୍କୁ ଆଳୁଚାଷ ପାଇଁ ପ୍ରରୋଚିତ କରି ବିଫଳ ହୋଇଥିଲେ । ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ କରି ଗଚ୍ଛିତ ରଖିବା ସହ ବିକ୍ରୟ କରି ଶୀତଳଭଣ୍ଡାର ଚଳାଇଥିଲେ । ହେଲେ ତାହା ଲାଭଜନକ ହୋଇ ନ ଥିଲା । ୪ ବର୍ଷ ପରେ ଶୀତଳଭଣ୍ଡାର ବନ୍ଦ ହୋଇଯାଇଥିଲା । ବନ୍ଦ ହେବାର ୪ ବର୍ଷ ପରେ ଶୀତଳଭଣ୍ଡାରର ଅର୍ଦ୍ଧେକ ସ୍ଥାନରେ ଛତୁଚାଷ ଆରମ୍ଭ କରି ନନ୍ଦ ଶୀତଳଭଣ୍ଡାରକୁ କାର୍ଯ୍ୟକ୍ଷମ କରିଥିଲେ । ଏବେ ଛତୁଚାଷରେ ସଫଳ ହୋଇଥିବା ନନ୍ଦ ବାକି ଅର୍ଦ୍ଧେକ ସ୍ଥାନରେ ୫ ହଜାର ମେଟ୍ରିକ ଟନ୍ ଆଳୁ ଗଚ୍ଛିତ କରିବା ପାଇଁ ଆଗ୍ରହୀ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏପରିକି ଆଗ୍ରହୀ ଆଳୁଚାଷୀଙ୍କୁ ସବୁମନ୍ତେ ସହାୟତା କରିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି । ମାତ୍ର ଚାଷୀମାନେ ଆଳୁଚାଷ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ଚିନ୍ତାର କାରଣ ହୋଇଛି । ନଦୀ ଉପକୂଳ ଅଞ୍ଚଳର ଚାଷୀମାନେ ଜମିରେ ପନିପରିବା ଚାଷ, ବାଦାମ ଚାଷ କରିବାକୁ ଇଚ୍ଛା କରୁଥିବା ଦେଖିବାକୁ ମିଳିଛି । ଏପରିକି ସହଜରେ ଉପଲବ୍ଧ ବାଲି, ମାଟି ଓ ଶ୍ରମର ଉପଯୋଗ କରି ଦୋରସା ଜମିରେ ଇଟା ଗଢ଼ିବାକୁ ବେଶ୍ ପସନ୍ଦ କରୁଥିବା ଜଣାପଡ଼ିଛି । ସ୍ୱଳ୍ପ ଖର୍ଚ୍ଚରେ ଭଲ ଲାଭ ମିଳୁଥିବାରୁ ଇଟା ଗଢ଼ା ପ୍ରତି ଆଗ୍ରହ ପ୍ରକାଶ ପାଉଛି । ଫଳରେ 'ଆଳୁ ମିଶନ' ଲକ୍ଷ୍ୟସ୍ଥଳରେ ପହଞ୍ଚିପାରୁ ନାହିଁ । ଚାଷୀମାନଙ୍କୁ ଆଳୁଚାଷ ପ୍ରତି ପ୍ରରୋଚିତ କରିବାକୁ ବିଭାଗ ପକ୍ଷରୁ ସବୁପ୍ରକାର ଉଦ୍ୟମ କରାଯାଉଛି ବୋଲି ବିଭାଗୀୟ ଅଧିକାରିଣୀ ରଥ କହିଛନ୍ତି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ସଂସ୍କାର କ'ଣ ଶୋଷଣ ପାଇଁ ?

୧୯୯୫-୯୬ ମସିହାରେ ବିଦ୍ୟୁତ୍ ସଂସ୍କାର ବ୍ୟବସ୍ଥା ଓଡ଼ିଶାରେ ପ୍ରଥମେ ଲାଗୁହେଲା ଓ ପରବର୍ତ୍ତୀ ଅବସ୍ଥାରେ ୨୦୦୩ରେ ଏ ସମ୍ପର୍କରେ ଏକ ରାଷ୍ଟ୍ରୀୟ ଆଇନ ପ୍ରଣୟନ ହେଲା । ଏ ବ୍ୟବସ୍ଥା ଲାଗୁ ହେଲାବେଳେ ସାଧାରଣ ଜନତାଙ୍କର ଅନେକ ଆଶା ଥିଲା ଯେ, ସେମାନେ ଗୁଣାତ୍ମକ, ନିରବଚ୍ଛିନ୍ନ ଓ ସୁବିଧା ମୂଲ୍ୟର ବିଦ୍ୟୁତ୍ ପାଇବେ । ଏଥିସହିତ ମଧ୍ୟ ଉପଭୋକ୍ତାମାନେ ଆଶା ରଖିଥିଲେ ସମ୍ବିଧାନର ଧାରା ୨୧ ଅନୁସାରେ ଏକ ସୁସ୍ଥ ଜୀବନଯାପନ ପାଇଁ ବିଦ୍ୟୁତ୍ ବ୍ୟବହାର ଏକ ମୌଳିକ ଅଧିକାର ଭାବେ ସାବ୍ୟସ୍ତ ହେବ । ତାହା ହେଲା ନାହିଁ ବରଂ ଶୋଷଣର ଶିକାର ହେବାର ବ୍ୟବସ୍ଥା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା ।

ଗତ କିଛିଦିନ ହେବ ବିଦ୍ୟୁତ୍ ବିତରକ କମ୍ପାନୀ ଟାଟା ପାୱାର ଦ୍ୱାରା ଘୋଷିତ ଅତିରିକ୍ତ ସିକ୍ୟୁରିଟି ଅର୍ଥ ଦାବିକୁ ନେଇ ସମଗ୍ର ଉପଭୋକ୍ତା ମହଲରେ ପ୍ରତିବାଦର ସ୍ୱର ଉଠିଛି । ଏ ପ୍ରକାର ଅତିରିକ୍ତ ଅର୍ଥ ଦାବି ପଛରେ ବିଦ୍ୟୁତ୍ ଆଇନ୍ ୨୦୦୩ ଓ ରେଗ୍ୟୁଲେସନାରି ସମର୍ଥନ ରହିଛି ବୋଲି ଟାଟା କମ୍ପାନୀର କର୍ତ୍ତୃପକ୍ଷ କୈଫତ୍ ଦେଇ ଚାଲିଛନ୍ତି । ଉପଭୋକ୍ତାମାନେ ଜାଣନ୍ତି ନାହିଁ ଏହି ଆଇନ୍ କାର୍ଯ୍ୟକାରୀ କଲାବେଳେ ତାହା ସରକାର ବା ଆୟୋଗ ମୁଖ୍ୟଙ୍କ ନଜରକୁ ଆସିଛି କି ନାହିଁ ଏବଂ ଏହା ପଛରେ ସେମାନଙ୍କର ସ୍ୱୀକୃତି ଅଛି କି ନାହିଁ । ସେ କେବଳ ଏତିକି ବୁଝିଛନ୍ତି ଯେ, ସଂସ୍କାର ହେବା ଦିନଠାରୁ ବର୍ଦ୍ଧିତ ବିଦ୍ୟୁତ୍ ଦର ବାରମ୍ବାର ଦେଇ ଆଇଛନ୍ତି ଏବଂ ପ୍ରତିବର୍ଷ ଏହି ଦର ବୃଦ୍ଧି ଘଟିଥାଏ । ଅଳ୍ପ କେତୋଟି ବର୍ଷ ଉପଭୋକ୍ତା ମହାସଂଘର ଦାବି ଫଳରେ ଏହି ଦର ବୃଦ୍ଧି ପ୍ରାୟତଃ ଘଟିନଥିଲା । ଅନେକ କ୍ଷେତ୍ରରେ ଏହି ବିଦ୍ୟୁତ୍ ଦର ସହିତ ଅନ୍ୟ କେତେକ ଶୁଳ୍କ ବାବଦ ପଇସା ଉପଭୋକ୍ତାମାନଙ୍କ ଠାରୁ ଆଦାୟ କରାଯାଉଥିଲା । ସେଥିମଧ୍ୟରେ ସରକାର ନେଉଥିବା ଏକ ଶୁଳ୍କ (ଇଡ଼ି) ଓ ମିନିମମ୍ ଫିକ୍ସଡ୍ ଏନର୍ଜି ଚାର୍ଜେସ୍ ବାବଦରେ କିଲୋୱାଟ୍ ପିଛା ୨୦ଟଙ୍କା ହାରରେ ଉପଭୋକ୍ତାମାନଙ୍କ ଠାରୁ ନିଆଯାଇଥାଏ । ଯେଉଁମାନେ ୪ କିଲୋୱାଟ୍ ୫ କିଲୋୱାଟ୍ ବ୍ୟବହାର କରନ୍ତି, ସେମାନେ ଏହି ହାରରେ ୮୦ ଟଙ୍କା ବା ୧୦୦ ଟଙ୍କା ମାସିକ ଦେଇଥାନ୍ତି । ଅଧିକନ୍ତୁ, ବିଦ୍ୟୁତ୍ ମାପକ ମିଟର କମ୍ପାନୀମାନେ ବସାଇ ଉପଭୋକ୍ତାମାନଙ୍କ ଠାରୁ ସେ ବାବଦରେ ପ୍ରଚୁର ଅର୍ଥ ନେଇଥାନ୍ତି । କେତେବେଳେ ଚାଇନା ମିଟର, କେତେବେଳେ କମ୍ପାନୀ ଦ୍ୱାରା ପରୀକ୍ଷିତ ମିଟର ବସାଇ ୧୨ ହଜାର ଟଙ୍କା ମୂଲ୍ୟର ମିଟରକୁ ୧୮ ହଜାର ଟଙ୍କାରେ ଉପଭୋକ୍ତାଙ୍କୁ ବିକ୍ରି କରିଥାନ୍ତି ଏବଂ ଏହି ବାବଦ ଅର୍ଥ ପ୍ରତିମାସରେ ବିଲ୍ ସହିତ ଯୋଡ଼ା ହୋଇ ରହିଥାଏ ।

ସବୁଠାରୁ ବଡ଼ ପରିତାପର ବିଷୟ ହେଉଛି ଏ ବାବଦ ପଇସା ଉପଭୋକ୍ତା ପଇଠ କରିଥିଲେ ମଧ୍ୟ ତାହା ଲଗାତର ଭାବେ ଚାଲିଥାଏ । ଅନେକ ଉପଭୋକ୍ତାଙ୍କ ଅଜାଣତରେ ବହୁଦିନ ଧରି ଅଯଥା ଓ ଅନ୍ୟାୟ ଭାବରେ ଟଙ୍କା ଶୋଷି ନିଆଯାଇଥାଏ । ଅନେକ ସମୟରେ ବିଦ୍ୟୁତ୍ କାଟ ହେବା ବା ବାତ୍ୟା ବନ୍ୟା ଜନିତ ଦୁର୍ବିପାକ ହେତୁ ଅନେକ ଦିନ, ଅନେକ ମାସ ଧରି ବିଦ୍ୟୁତ୍ ? ସରବରାହ ବନ୍ଦ ରହିବା ପରେ ମଧ୍ୟ ଉପଭୋକ୍ତାମାନଙ୍କ ଠାରୁ ସେ ସମୟର ପଇସା ଗୋଟିଏ ମୋଟାମୋଟି ହିସାବରେ ଯୋଡ଼ି ଦିଆଯାଇଥାଏ । ଏହିପରି ଅନେକ ଭାବରେ ବିତରଣକାରୀ କମ୍ପାନୀ ଉପଭୋକ୍ତାଙ୍କ ଠାରୁ ଅର୍ଥ ଶୋଷଣ କରିବାରେ ଲାଗି ଆସିଛନ୍ତି ।

# ନବବର୍ଷ ଆଣୁ ସକାରାତ୍ମକ ଭାବନାର ସନ୍ଦେଶ



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

ସୃଷ୍ଟିସର୍ଜନାରେ ଆଗକୁ ବଢୁଥିବା ଚିର ପ୍ରବହମାନ ସ୍ରୋତ ହେଉଛି ସମୟ । ଗତିଶୀଳ ସମୟ ର ପଛରେ ଘଟୁଥିବା ଘଟଣା ବା ଦୁର୍ଘଟଣାକୁ ଆମେ ଅତୀତ ବା 'ଇତିହାସ' କହୁଥିବା ବେଳେ ଆଗକୁ ବଢୁଥିବା ସମୟକୁ ଆଗାମୀ ବା 'ଭବିଷ୍ୟତ' ବୋଲି କହିଥାଉ । ସମୟ ଚକ୍ରରେ ଘଟୁଥିବା ପରିବର୍ତ୍ତନରେ ହଜାର ହଜାର ବର୍ଷ ବିଗତ ହୋଇଥିବାବେଳେ ଆଗକୁ ଆହୁରି ଅନେକ ବର୍ଷ ବାକି ଅଛି । ସୁତରାଂ ସମୟର ଏହି ପ୍ରବହମାନ ଧାରା ରେ ଗୋଟିଏ ବର୍ଷ ଶେଷ ପରେ ଆଉ ଗୋଟିଏ ବର୍ଷର 'ପ୍ରାରମ୍ଭ'ଏକ ଗତାନୁଗତିକ ପ୍ରକ୍ରିୟା । ସମୟର ଅଙ୍କା ବଙ୍କା ରାସ୍ତାରେ ଚାଲୁଥିବା ମଣିଷ ଯେଉଁ ଆବେଗ ପାଇଁ ସର୍ବଦା ବ୍ୟାକୁଳ ହୋଇଥାଏ ତାହା ହେଉଛି 'ନୂତନତ୍ୱ' ଯାହା ଅନେକ ନିରାଶା ଭିତରେ ଜିତିବାର ଆଶାକୁ ଉଜ୍ଜୀବିତ କରେ । ସେ ନୂଆ ସଫଳତା ହେଉ, ନୂଆ ଖବର ହେଉ ନତୁବା ନୂଆ ଘଟଣା ଇତ୍ୟାଦି । ଏହି କିଛି ସମୟ ହେଲା ଆମେ ଏକ ଅପ୍ରତ୍ୟାଶିତ ମୁହୂର୍ତ୍ତ ବା ନୂତନତ୍ୱକୁ ସାମ୍ନା କରିସାରିଲେଣି ତାହା ହେଉଛି "ନବବର୍ଷ" ର ସେହି ଆବେଗପୂର୍ଣ୍ଣ ମୁହୂର୍ତ୍ତ ଯାହା ମନରେ ନୂଆ ସଂକଳ୍ପ ପାରିତ କରି ମଣିଷକୁ ଦୃଢ଼ମନା କରେ । ପହିଲି ସକାଳର ପହିଲି ସୂର୍ଯ୍ୟ କିରଣ ସ୍ପର୍ଶରେ ସାରା ବିଶ୍ୱ ହୋଇଛି ମଧୁମୟ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ, ପ୍ରତ୍ୟେକଙ୍କୁ ଜଣାଉଛନ୍ତି ନବବର୍ଷର ଶୁଭେଚ୍ଛା ଓ ସକାରାତ୍ମକ ସନ୍ଦେଶର ବାର୍ତ୍ତା । ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ "ହାପି ନିଉ ଇୟର" । ନୂଆର ପରଶରେ ମତୁଆଲା ମଣିଷ ମନରେ ଜାଗ୍ରତ ହୋଇଛି ଅଫୁରନ୍ତ ଆନନ୍ଦ ଓ ସକାରାତ୍ମକ ଭାବନାରେ ଆଗକୁ ବଢିବାର ଜୋଶ୍, ଯାହା ଅନେକ ସମସ୍ୟା ସମାଧାନ ପାଇଁ ଦେଇଥାଏ କର୍ମ ପ୍ରବଣତାର ଆବେଗ ଓ ମନସ୍ତାତ୍ତ୍ୱିକ ଦୃଢତା । ବିଗତ ବର୍ଷରେ ଘଟିଥିବା ଅନେକ ଘଟଣା ଓ ଦୁର୍ଘଟଣା ମଧ୍ୟରେ, ଜଳବାୟୁ ପରିବର୍ତ୍ତନରେ ଅସ୍ୱାଭାବିକ ପ୍ରକ୍ରିୟା ଯୋଗୁ ଅସନ୍ତୁଳିତ ପରିବେଶ, ଡ଼ଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ, ସେୟାର ବଜାରରେ ଅସ୍ଥିରତା, କାଶ୍ମୀର ସ୍ଥିତ ପହଲଗାମ୍ ଠାରେ ସନ୍ତ୍ରାସବାଦୀ ଦ୍ୱାରା ନରସଂହାର, ଭାରତ ଓ ପାକିସ୍ତାନ ସୀମାନ୍ତ ରେ ଯୁଦ୍ଧ ପରିସ୍ଥିତି, ଅହମଦାବାଦ ଠାରେ ଘଟିଥିବା ଦୁଃଖଦ ବିମାନ ଦୁର୍ଘଟଣା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଙ୍କ ଟାରିଫ ଧମକ, ଉତ୍ତରାଖଣ୍ଡ ବିଭିଷିକା ରେ ପ୍ରକୃତିର କରାଳ ରୂପ ଆଦି ଅଘଟଣକୁ ପଛରେ ପକାଇ 'ନୂଆବର୍ଷ-୨୦୨୬' ଅନେକ ଆଶା, ଆକାଂକ୍ଷା, ଉତ୍ସାହ, ଉଦ୍ଦୀପନା ଓ ସକାରାତ୍ମକ ଭାବନା ନେଇ ଆଗେଇ ଚାଲିଛି । ମନସ୍ତାତ୍ତ୍ୱିକ ଦୃଷ୍ଟି କୋଣରୁ ବିଚାର କଲେ, ନୂଆ ବର୍ଷ ର ପହିଲି ସକାଳର ପହିଲି ସୂର୍ଯ୍ୟ କିରଣ ବାସ୍ତବିକ ନିଆରା, ଯେଉଁଥିରେ ଅନେକ ଙ୍କ ପାଇଁ ଥାଏ ଗଦା ଗଦା ସଂକଳ୍ପ ପାରିତ ଯୋଜନା ଯାହା ସାକାର କରିବାକୁ ଦେଇଥାଏ ନୂଆ ନୂଆ ଦିଶା । ପାଶ୍ଚାତ୍ୟ ସଂସ୍କୃତି ଅନୁକରଣ ପ୍ରିୟ ଆଧୁନିକ ମଣିଷ ଇଂରେଜୀ ନୂଆ ବର୍ଷ -୨୦୨୬ ର ଅଭ୍ୟର୍ଥନା ପର୍ବ ('ଜିରୋ ନାଇଟ୍ ସେଲିବ୍ରେସନ୍')କୁ ଧୂମ୍ ଧାମ୍ ରେ ପାଳନ କରିଥାନ୍ତି । ବ୍ୟସ୍ତବହୁଳ ମଣିଷ ତା'ର ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ଆଦରି ନେଇଥାଏ ମନୋରଞ୍ଜନର ଭିନ୍ନ ଭିନ୍ନ ମାଧ୍ୟମ ଯାହା ମାନସିକ ସ୍ଥିତିକୁ ପୁନଃ କ୍ରିୟାଶୀଳ କରିବା ସହିତ ମନରେ ସକାରାତ୍ମକ ଭାବନା ଠୁଳ କରିବାରେ ବିଶେଷ ସହାୟକ ହୋଇଥାଏ । ସେ ଯାହାହେଉ ବିଗତ ବର୍ଷରେ ଘଟିଥିବା ବିଭିନ୍ନ ଘଟଣା ଓ ଦୁର୍ଘଟଣା ଗୁଡିକ ମଧ୍ୟରେ ପାଶ୍ଚାତ୍ୟ ଦେଶ ଦେଶ ମଧ୍ୟରେ ଉପୁଜିଥିବା ଯୁଦ୍ଧ ଭୟ, ଜଳବାୟୁ ପରିବର୍ତ୍ତନ ସହ ବାୟୁପ୍ରଦୂଷଣ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହେଇଛି ଯାହାର କାରଣ ଓ ନିରାକରଣ ଖୋଜି ଏହାର ସମାଧାନ ସୂତ୍ର ଖୋଜିବାରେ ଚଳିତବର୍ଷ ବିଶ୍ୱବାସୀଙ୍କ ପାଇଁ ଏକ ଆହ୍ୱାନ ତଥା ଗୁରୁତ୍ୱପୂର୍ଣ୍ଣ ବର୍ଷ ହେବ । ଦେଖାଯାଉଛି ପାଶ୍ଚାତ୍ୟ ଦେଶ ମୁଖିଆଙ୍କ ଜିଦ୍ ଖୋର ମନୋବୃତ୍ତି ପାଇଁ ଆଗାମୀ ଭବିଷ୍ୟତ ଏକ 'ତୃତୀୟ ବିଶ୍ୱଯୁଦ୍ଧ' ସମ୍ଭାବନା କୁ ଆମନ୍ତ୍ରଣ କରିବ । ଅପରପକ୍ଷେ ଦେଶରେ ପରିବେଶ ନିୟନ୍ତ୍ରଣ ଓ ବାୟୁ ପ୍ରଦୂଷଣର ଭୟାବହ ସ୍ଥିତି ରେ ପରିବର୍ତ୍ତନ ଆଣିବା ମନୁଷ୍ୟ ସମାଜ ପାଇଁ ଏକ ବରଦାନ ସଦୃଶ ହେବ । ସେହିପରି ବିଶ୍ୱ ବଜାରରେ ଭାରତୀୟ ମୁଦ୍ରା ର ଦୁର୍ବଳ ସ୍ଥିତି ରେ ସୁଧାର ଆଣିବା, ଆମ ବିତ୍ତିୟ ବ୍ୟବସ୍ଥା ପ୍ରତି ଏକ ଆହ୍ୱାନ ହେବ । ବର୍ତ୍ତମାନ ସ୍ଥିତି ଅନୁଯାୟୀ ଆଉ କିଛି ଦିନ ପରେ ଭାରତୀୟ ମୁଦ୍ରା 'ଟଙ୍କା' ର ବିନିମୟ ମୂଲ୍ୟ ୧୦୦ ଟଙ୍କା କୁ ଟପି ଯିବ, ଏପରି ସ୍ଥିତି ରେ ପରିବର୍ତ୍ତନ ନ ଆସିଲେ ପ୍ରଗତିଶୀଳ ଭାରତୀୟ ଅର୍ଥନୀତି ପାଇଁ ଏକ 'ବିତ୍ତିୟ ସଙ୍କଟ' ସୃଷ୍ଟି ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ପରିଣାମ ସ୍ୱରୂପ 'ଡଲାର' ମହଙ୍ଗା ପ୍ରଭାବ ରେ ଭାରତୀୟ ଆମଦାନୀ ସାମଗ୍ରୀ ଗୁଡିକର ଅହେତୁକ ଦରବୃଦ୍ଧି ସିଧାସଳଖ ଖାଉଟିଙ୍କୁ ଅଧିକ ପ୍ରଭାବିତ କରିବ । ଏଥିରେ ସୁଧାର ଆଣିବା ପାଇଁ ଚଳିତ ବର୍ଷ ଦେଶର ଅର୍ଥନୀତି ରେ ଅନେକ ସଂସ୍କାର ମୂଳକ ଯୋଜନା କାର୍ଯ୍ୟକାରୀ କରିବା ସହିତ, ଘରୋଇ ଉତ୍ପାଦ ବଢାଇବା, ବିଦେଶୀ ପୁଞ୍ଜି ନିବେଶକ ମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବା, ଆମଦାନୀ ତୁଳନାରେ ରପ୍ତାନି ବୃଦ୍ଧି, ଆଦି ଅନେକ ଅର୍ଥନୈତିକ ସଂସ୍କାର ଆପଣାଇ ବାରେ ବିଭିନ୍ନ ପ୍ରୟାସ ଜାରିରଖିବ ବୋଲି ଅନେକ ଅର୍ଥନୀତି ବିଶାରଦ ମତବ୍ୟକ୍ତ କରିଛନ୍ତି ଯାହା ଆଗାମୀ ଦିନରେ ଭାରତ, ବିଶ୍ୱର ତୃତୀୟ ଅର୍ଥନୈତିକ 'ସମୃଦ୍ଧ ରାଷ୍ଟ୍ର' ସ୍ୱପ୍ନ ସାକାର କରିବାରେ ସହାୟକ ହେବ । ଭାରତ ର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ହେଲେ, "ବିକଶିତ ଭାରତ ବା ଆତ୍ମନିର୍ଭର ଭାରତ" ସ୍ୱପ୍ନ ସାକାର ପାଇଁ ବିତ୍ତିୟ ବ୍ୟବସ୍ଥା ରେ ଆହୁରି ଅନେକ ସଂସ୍କାର ମୂଳକ କାର୍ଯ୍ୟ ହାତକୁ ନେବା, ବର୍ତ୍ତମାନ ସମୟ ର ଏକ ବଡ ଚ୍ୟାଲେଞ୍ଜ ହେବ । ସେହିପରି ଆମ ରାଜ୍ୟ ରେ ଥିବା ପ୍ରଚୁର ପ୍ରାକୃତିକ ସମ୍ପଦ ସୁବିନିଯୋଗ ଓ ବିସ୍ତୀର୍ଣ୍ଣ ବେଳାଭୂମି ର ସଦୁପଯୋଗ ରାଜ୍ୟ ଅର୍ଥନୀତି ସୁଦୃଢ ପାଇଁ ନୂଆ ଦିଶା ଦେଖାଇବ ଏଥିରେ ସନ୍ଦେହ ନାହିଁ । ଅପରପକ୍ଷେ ରାଜ୍ୟରେ ବାୟୁ ପ୍ରଦୂଷଣ ସ୍ଥିତି କ୍ରମଶ ଜଟିଳ ହେବାରେ ଲାଗିଛି ଏଥିପାଇଁ ଆମେ ଯତ୍ନବାନ ନ ହେଲେ ଦିଲ୍ଲୀ ପରିସ୍ଥିତି ଭୋଗିବାକୁ ପଡିବ । ସବୁଠାରୁ ବଡ ବିଡ଼ମ୍ବନାର ବିଷୟ ହେଲା ସମାଜରେ ମଣିଷ ପଣିଆ ଦିନକୁ ଦିନ ବିଗିଡି ବାରେ ଲାଗିଛି ଯାହା ମଣିଷ,ମଣିଷ ମଧ୍ୟରେ ଆତ୍ମୀୟତା ବଢ଼ାଇବାରେ ବିଶେଷ ଅନ୍ତରାୟ ସୃଷ୍ଟି କରୁଛି । ଆଜିକାଲିର ଯୁବପିଢ଼ି ସଂସ୍କୃତି ବଦଳରେ ଅପସଂସ୍କୃତିକୁ ଆଦରିନେବାକୁ ବେଶି ପସନ୍ଦ କରୁଛନ୍ତି, ଫଳରେ ସମାଜରେ ଦିନକୁଦିନ ଅନେକ ଅଭାବନୀୟ ଘଟଣା ବଢିଚାଲୁଛି । ସାଇବର କ୍ରାଇମ ସହ ଧର୍ଷଣ, ଲୁଣ୍ଠନ, ଆତ୍ମହତ୍ୟା ଏକ ନିତିଦିନିଆ ଘଟଣା ପାଲଟି ଥିବାବେଳେ, ବୈବାହିକ ଜୀବନରେ ରେ ଛାଡପତ୍ର ଏକ ସଉକରେ ପରିଣତ ହୋଇଛି । ବର୍ତ୍ତମାନ ଦେଖାଯାଇଛି ବୃଦ୍ଧ ପିତାମାତା ମାନେ ବେସାହାରା ଜୀବନ ବିତାଉଥିବାବେଳେ ପରିବାରେ ଜନ୍ମିତ ପିଲାମାନଙ୍କ ପାଇଁ ସେମାନେ ଯେମିତି ପୁରା ଅଲୋଡ଼ା, ଯାହା ଆଗାମୀ ପିଢି ଙ୍କ ପାଇଁ ଏକ ବିରାଟ ପ୍ରଶ୍ନବାଚୀ । ସୋସିଆଲ ମିଡିଆର ମାନିଆ ରେ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଆକ୍ରାନ୍ତ, ଯାହା ଉଭୟ ଶାରୀରିକ ଓ ମାନସିକ ବ୍ୟାଧି ବଢାଇ ବାରେ ଅନେକ ସହାୟକ ହେଉଛି । ସୁସ୍ଥ ସାମାଜିକ ପରମ୍ପରା ସହ ପାରିବାରିକ ସଂସ୍କାର କ୍ଷେତ୍ରରେ ବାଧକ ସାଜୁଛି ଅମାନୁଷିକ ମାନସିକତା । ଏଥିରେ ସୁଧାର ଆଣିବାକୁ ହେଲେ ବୌଦ୍ଧିକ ଜ୍ଞାନ ଆହରଣ କରିବା, ଆଚାର, ଉଚ୍ଚାରଣ ରେ ସଂଯମତା ରକ୍ଷାକରିବା ସହିତ ସକାରାତ୍ମକ ଭାବନା ହିଁ ଆଣିବ ବିଗିଡ଼ୁଥିବା ବ୍ୟବସ୍ଥା ରେ ସୁଧାର । ପରିଶେଷରେ ନୂଆ ବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା । ଜଗତରନାଥ ଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ଜୀବନ ବିତାଇବା ସହିତ ପ୍ରତିଟି ମୁହୂର୍ତ୍ତ ସକାରାତ୍ମକ ଭାବନା ଆଣିବାରେ ସହାୟ ହୁଅନ୍ତୁ ।

# ଜ୍ଞାନୀ ଜୈଲ ସିଂହ



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର

ସମୟର ସ୍ରୋତରେ ପ୍ରକୃତି କୋଳରେ କେତେ ସାଧୁ,ସନ୍ଥ, ପଣ୍ଡିତ, ବିଦ୍ୱାନ, କବି, ଲେଖକ, ନାଟ୍ୟକାର, ଦାର୍ଶନିକ, ବୈଜ୍ଞାନିକ, ଜନସେବକ ଓ ରାଜନେତା ଜନ୍ମ ନିଅନ୍ତି ସେମାନଙ୍କ ମଧ୍ୟରୁ ଜ୍ଞାନୀ ଜୈଲ ସିଂହ ଅନ୍ୟତମ । ୧୯୧୬ ମସିହା ମେ'ମାସ ୫ ତାରିଖରେ ଫରିଦକୋର୍ଟ ସହରଠାରୁ ୧୦ କି.ମି. ଦୂରରେ ରେଲ ଲାଇନ କଡର ଛୋଟିଆ ଗାଁ ସନ୍ଧୱାନରେ ଏକ ଶିଖ୍ ପରିବାରରେ ଭାଇକିଷାନ ସିଂହ ଓ ବିବି ଇନ୍ଦ କାଉରଙ୍କ କୋଳମଣ୍ଡନ କରିଚତୁର୍ଥ ସନ୍ତାନ ଭାବେ ଜନ୍ମନେଲେ ଜୈଲ ସିଂହ । ଅଳ୍ପ ଦିନରେ ମାଛେଉଣ୍ଡ ହୋଇ ମାଉସୀ ବିବିଦୟା କଉରଙ୍କ ସ୍ନେହଶ୍ରଦ୍ଧାରେ ବଢିଲେ । ଜୈଲସିଂହ ୧୨ବର୍ଷ ପର୍ଯ୍ୟନ୍ତ ଜାଣି ପାରିନଥିଲେ ତାଙ୍କର ପ୍ରକୃତ ମା'କିଏ । ବାପାମା'ଙ୍କ ଧର୍ମ ପରାୟଣତା ତାଙ୍କ ଉପରେ ପ୍ରଭାବ ପକାଇ ଥିଲା । ଅଭାବରୁ ସେ ବେଶି ପାଠ ପଢି ପାରିନଥିଲେ । ପାଞ୍ଚବର୍ଷ ବୟସରେ ସେ ଗୁରୁଗ୍ରନ୍ଥସାହେବ ପଢିବୁଝି ପାରୁଥିଲେ ଓ ଅନ୍ୟମାନଙ୍କୁ ବୁଝାଉଥିଲେ । ଶିଖ୍ ଧର୍ମଉପରେ ଅଗାଧ ପାଣ୍ଡିତ୍ୟଲାଭ କରିଥିବାରୁ ତାଙ୍କୁ ଲୋକେ ଜ୍ଞାନୀ ଡାକିବାରୁ ସେ ଜ୍ଞାନୀ ଜୈଲ ସିଂହ ଭାବରେ ପରିଗଣିତ ହେଲେ । ଜ୍ଞାନୀ ନିଜ ଉଦ୍ୟମରେ ହିନ୍ଦୀ ଓ ଉର୍ଦ୍ଧୁଭାଷା ଶିକ୍ଷାକରି ସ୍ମୃତିଶାସ୍ତ୍ର, ଉପନିଷଦ, କୋରାନ, ଗୀତା, ଭାଗବତ ଓ ବାଇବେଲ ପଢି ବହୁଜ୍ଞାନ ଅର୍ଜନ କଲେ । ସେ ସକାଳ ଓ ସନ୍ଧ୍ୟାରେ କୀର୍ତ୍ତନ୍ କରନ୍ତି, ଅନ୍ୟ ସମୟରେ ଘରେ ଇତିହାସ ଓ ଅନ୍ୟଗ୍ରନ୍ଥ ଅଧ୍ୟୟନ କରନ୍ତି । ୧୨ବର୍ଷ ବୟସରେ ଜ୍ଞାନୀବସନ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁସହିତ ସଂଗ୍ରାମ କରୁଥିଲେ । ପିତାଭାଇ କିଷାନ ସିଂହଗ୍ରନ୍ଥସାହେବରୁ ଗୋଟିଏ ପ୍ରାର୍ଥନା ପଢି ଈଶ୍ୱରଙ୍କ ସରଣାପନ୍ନ ହେଲେ । ତାପରେ ଜ୍ଞାନୀଙ୍କର ଦେହ ଭଲ ହୋଇଗଲା । ଜ୍ଞାନୀ କିର୍ତ୍ତନ କରୁକରୁ ଦେଶ ସେବାରେ ମନ ଦେଲେ । ତାଙ୍କ ଉପରେ ଭଗତସିଂ ଓ ସନ୍ଥ ଅମରସିଂହ ତେଗଙ୍କର ପ୍ରଭାବ ପଡିଥିଲା । ସନ୍ଥ ଅମରସିଂହ ତେଗ ତାଙ୍କୁ ବନ୍ଧୁକଟିଏ ଦେଇ ଆର୍ଶୀବାଦ କରି ଦେଶପାଇଁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢିବାକୁ ଶପଥ କରାଇଥିଲେ । ଏହିସମୟରେ ସେ ବିବିପ୍ରଧାନ କାଉରଙ୍କୁ ସହଧର୍ମିଣୀ ଭାବରେ ଗ୍ରହଣକଲେ । ଥରେ ଫରିଦ୍ କୋର୍ଟଠାରେସବୁ ଧର୍ମତରଫରୁ ଗୋଟିଏ ତର୍କସଭାର ଆୟୋଜନ କରାଗଲା । ସେଠାରେ ଜ୍ଞାନୀଜୀ ଜଣେ ଶ୍ରୋତାଭାବରେ ଯାଇଥିଲେ କିନ୍ତୁ ବକ୍ତା ଭାବରେ ଶିଖ୍ ଧର୍ମର ମୌଳିକତତ୍ତ୍ୱ ଓ ସାରମର୍ମ କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲେ ।

ସେତେବେଳେ ସାରାଭାରତରେ ସ୍ୱାଧିନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ । ଜ୍ଞାନୀଜୀ ଫରିଦ୍ କୋର୍ଟରେ ଭାରତୀୟ ଜାତୀୟ କଂଗ୍ରେସର ଏକ ଶାଖାଟିଏ ଖୋଲି ବିଭିନ୍ନ ସ୍ଥାନରେ ସଭାସମିତି କରି ଇଂରେଜ ସରକାର ଓ ରାଜାଙ୍କ ବିରୁଦ୍ଧରେ ଭାଷଣ ଦେବାରୁ ଗିରଫ ହେଲେ । ତାଙ୍କ ସହିତ ସର୍ଦ୍ଦାର ଜଙ୍ଗ ସିଂହ, ମଣିସିଂୱାଲା ଗିରଫ ହୋଇ ଫରିଦ୍ କୋର୍ଟ କେନ୍ଦ୍ରୀୟ ଜେଲରେ ପାଞ୍ଚ ବର୍ଷ ଜେଲଦଣ୍ଡ ସହିତ ୨୫୦ ଟ. ଜରିମାନା ଭୋଗିଥିଲେ । ଜେଲରେ ଥାଇ ଜ୍ଞାନୀଜୀ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ସହିତ ଜଣେ ସହକାରୀ ଜେଲ ଅଧିକାରୀଙ୍କଠାରୁ ଇଂଗ୍ରାଜୀ ଶିକ୍ଷାକଲେ । ଜେଲରେ ସେ ମାଆଙ୍କ ପାଖକୁ ଖଣ୍ଡେ ଚିଠି ଲେଖି ଧରାପଡି ଦଣ୍ଡପାଇଲେ । ମା ପୁଅକୁ ଦେଖାକରିବାକୁ ଯାଇ ଟିକେ ସ୍ନେହରେ କୋଳାଇ ପାରିନଥିଲେ, ଲୁହାବାଡର ପ୍ରତିବନ୍ଧକ ଯୋଗୁ । ଜେଲରେ ଥିବା ସମୟରେ ସେ ପାଳିତ ମା'ଙ୍କୁ ହରାଇଲେ । ଜେଲରୁ ମୁକୁଳିଲା ପରେ ଗାଁରେ ରହି ପାରିନଥିଲେ ଗୁଇନ୍ଦା ବିଭାଗର କଡା ନଜରରୁ, ଭାଇବନ୍ଧୁଙ୍କୁ ଛାଡି ଲାହୋର ସହରକୁ ଚାଲିଗଲେ । ଅକାଳୀ ଦଳର ମୁଖିଆ ତାରାସିଂଙ୍କୁ ଦେଖାକରି ଶିଖ୍ମିଶିନାରୀ କଲେଜରେ ଯୋଗଦେଇ ମାସିକ ୧୬ ଟଙ୍କା ଭତ୍ତାରେ ରହିଲେ । କିଛିଦିନ ପରେ ସେ ମାସିକ ୮୧ ଟଙ୍କା ବିନିମୟରେ ଜ୍ଞାନୀଜି ହେସିଆରପୁର ଶିଖ୍ସଂଘ ସେବାରେ କାର୍ଯ୍ୟ କଲେ । ଏହି ସମୟରେ ପଞ୍ଜାବ ପ୍ରଦେଶରେ ପ୍ରଜାମଣ୍ଡଳ ତରଫରୁ ଲୋକପ୍ରିୟ ସରକାର ଗଠନ ପାଇଁ ଆନ୍ଦୋଳନ ଚାଲୁଥାଏ । ଜ୍ଞାନୀଜୀ ସେଠାରେ ପହଂଚି ଆନ୍ଦୋଳନ ଚାଲୁରଖିଲେ ଓ ପଣ୍ଡିତ ନେହେରୁଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷାକଲେ ।

ଭାରତ ସ୍ୱାଧୀନ ହେଲା । ନେହେରୁ ପ୍ରଧାନମନ୍ତ୍ର, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗୃହମନ୍ତ୍ରୀ ହେଲେ । ସର୍ଦ୍ଦାର ପଟେଲ ଜ୍ଞାନୀଜୀଙ୍କୁ ଦିଲ୍ଲୀ ଡକାଇଲେ । ଜ୍ଞାନୀଜୀଙ୍କ ପାଖରେ ପଇସା ନାହିଁ । ତେଣୁ ସେ ବନ୍ଧୁ ରାମନାଥଙ୍କ ସହିତ ଦୁଇମାଇଲର ବାଟ ଚାଲିଚାଲି ପାତିଆଲା ଷ୍ଟେସନରୁ ଶହେଟଙ୍କା ଧାରକରି ଦିଲ୍ଲୀଗଲେ । ସେଠାରେ ୧୦ ମିନିଟ୍ ବିଳମ୍ବ ଯୋଗୁ ଦେଖାକରିନ ପାରିବାରୁ ଭୋକ ଉପାସରେ ଅପେକ୍ଷା କଲେ । ପଟେଲଙ୍କ ନିର୍ଦ୍ଦେଶରେ ମନ୍ତ୍ରୀମଣ୍ଡଳ ଗଠନ ହେଲା । ମୁଖ୍ୟମନ୍ତ୍ରୀ ଜ୍ଞାନୀସିଂହ ରାରେୱାଲଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱ ମନ୍ତ୍ରୀଭାବେ ଜ୍ଞାନୀଜୀ ଦାୟିତ୍ୱ ଗ୍ରହଣ କଲେ । ପରେ ପରେ ଦୁଇବର୍ଷପାଇଁ ପେପସୁ ପ୍ରଦେଶର କଂଗ୍ରେସ କମିଟିର ସଭାପତି ଭାବରେ ଜ୍ଞାନୀଜୀ ନିର୍ବାଚିତ ହେଲେ । ୬ ବର୍ଷ ପାଇଁ ସେ ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବାଚିତ ହେଲେ । ରାଜ୍ୟସଭା ର ସଭ୍ୟଭାବରେ କାର୍ଯ୍ୟକାଳ ପୂରଣ କରି ସେ ପଞ୍ଜାବ ବିଧାନସଭାରୁ ନିର୍ବାଚିତ ହେଲେ । ୧୯୭୧ ମସିହାଜୁନ୍ ୯ ତାରିଖରେ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରିହେଲା । ଏହି ସମୟରେ ଭାରତ ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା । ଯୁଦ୍ଧ ପରେ ପାବବିଧାନସଭାର ନିର୍ବାଚନ ହେଲା । ଜ୍ଞାନୀଜୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ମନ୍ତ୍ରୀମଣ୍ଡଳ ଗଠନ କଲେ । ସେ ହେଲେ ମୁଖ୍ୟମନ୍ତ୍ରୀ । ତାଙ୍କର ଶାସନକାଳକୁ ଲୋକମାନେ ମହାରାଜା ରଣଜିତ୍ ସିଂହଙ୍କ କାର୍ଯ୍ୟ ସହିତ ତୁଳନା କଲେ ।

ସପ୍ତମ ଲୋକସଭା ନିର୍ବାଚନରେ ଇନ୍ଦିରାଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଜ୍ଞାନୀଜୀ ଘରୋଇ ବିଭାଗର ମନ୍ତ୍ରୀଭାବରେ ଦାୟିତ୍ୱ ଗ୍ରହଣ କଲେ । ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭରୁ ଏକ 'ଖାଲସସେବକ' ନାମରେ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶକ ରିଥିଲେ । ପରବର୍ତ୍ତୀ ସମୟରେ ତାହା ଦୈନିକ ସମ୍ବାଦ ପତ୍ର ଭାବରେ ଆତ୍ମ ପ୍ରକାଶ କଲା । ସେ ଗୃହମନ୍ତ୍ରୀ ହିସାବରେ ସମ୍ପାଦକମାନଙ୍କର ଏକ ସମ୍ମିଳନୀ କରାଇ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସ୍ୱାଧୀନତା ସରକାର ବହନ କରିବା ପାଇଁ ଆହ୍ୱାନ ଦେଇଥିଲେ । ୧୯୮୨ମସିହା ଜୁଲାଇମାସ ୨୪ ତାରିଖରେ ଜ୍ଞାନୀଜୀ ଭାରତର ରାଷ୍ଟ୍ରପତିଭାବରେ ଶପଥ ଗ୍ରହଣ କରିଥିଲେ । ତାଙ୍କ ନିର୍ଦ୍ଦେଶରେ 'ବ୍ଲୁଷ୍ଟାର ଅପରେସନ' କରାଗଲା । ସ୍ୱର୍ଣ୍ଣମନ୍ଦିରରେ ସୈନ୍ୟ ବାହିନୀ ପଶି ସନ୍ତ୍ରାସ ବାଦୀମାନଙ୍କୁ ଧରିଲେ ଓ ଦେଶଟା ବଡ ବିପଦରୁ ରକ୍ଷା ପାଇଗଲା ।

୧୯୯୪ ମସିହା ନଭେମ୍ବର ମାସ ୨୯ତାରିଖରେ ଜ୍ଞାନୀଜୀ ଏକ କାରରେ ଆନନ୍ଦପୁର ସାହିବରୁ ଚଣ୍ଡୀଗଡକୁ ଫେରୁଥିଲେ । ହଠାତ୍ ରୋପଡ଼ଜିଲ୍ଲାର କୁଙ୍ଗାସାହିବ ନିକଟରେ ଗୋଟିଏ ଟ୍ରକ ସହିତ କାରଟି ଧକ୍କାଲାଗିଲା, ସେ ଗୁରୁତର ଆହତ ହେଲେ । ଦୀର୍ଘ ୨୭ ଦିନ ଧରିମୃତ୍ୟୁ ସହିତ ସଂଗ୍ରାମକରି ୧୯୯୪ ମସିହା ଡିସେମ୍ବର ମାସ ୨୫ ତାରିଖ ସକାଳ ସାତଟା ଚାଳିଶମିନିଟରେ ୭୮ ବୟସରେ ଶେଷ ନିଶ୍ୱାସ ତ୍ୟାଗକଲେ ।

ଜଣେ ଦେଶ ସେବକ ରାଜନେତା, କବି, ଲେଖକ ଓ ପୂର୍ବତନ ରାଷ୍ଟ୍ରପତିଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଗଲା । କେନ୍ଦ୍ର ସରକାର ୭ ଦିନ ପାଇଁ ଜାତୀୟ ଶୋକ ପାଳିବାକୁ ଘୋଷଣା କଲେ । ଜାତୀୟ ପତକା ଅର୍ଦ୍ଧ ନିମିତ କରାଗଲା । ଦିଲ୍ଲୀର ବିଜୟଘାଟ ନିକଟରେ ଥିବା ଏକତା ସ୍ଥଳରେ ରାଷ୍ଟ୍ରୀୟ ସମ୍ମାନର ସହିତ ଦାହ କରାଗଲା । ଦେଶର ଚାରିଆଡେ 'ଜୈଲସିଂହ ଅମରରହେ' ମୁଖରିତ ହେଲା ।

# ନାରୀ: ଜୀବନର ମୂଳ ଶକ୍ତି, ସଭ୍ୟତାର ଆତ୍ମା ଓ ସମଗ୍ର ବିଶ୍ୱର ଅତୁଟ ଆଧାର



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ନାରୀ ମାନବ ସଭ୍ୟତାର ମୂଳ ଭିତ୍ତି ଭାବେ ଦୃଢ଼ ଭାବରେ ଜଡ଼ିତ, ସେ ନିରବ ଭାବରେ କିନ୍ତୁ ଅପାର ଶକ୍ତି ସହିତ ସମଗ୍ର ବିଶ୍ୱର ନୈତିକ, ଭାବନାତ୍ମକ, ସାଂସ୍କୃତିକ ଓ ସାମାଜିକ ଗଠନକୁ ଆକାର ଦେଇଆସୁଛନ୍ତି । ଜୀବନର ଆରମ୍ଭ ମୁହୂର୍ତ୍ତରୁ ନାରୀ ହିଁ ଜୀବନକୁ ପାଳନ, ସୁରକ୍ଷା ଓ ଦିଗଦର୍ଶନ ଦେଇଥାନ୍ତି, ଯାହା ମାତୃତ୍ୱକୁ କେବଳ ଜୈବିକ ଭୂମିକା ନୁହେଁ, ବରଂ ତ୍ୟାଗ, ସହନଶୀଳତା ଓ ଅସୀମ ଭଲପାଇବାର ଏକ ଉଚ୍ଚ ରୂପରେ ପରିଣତ କରେ । ମା' ଭାବେ ସେ ଶିଶୁର ପ୍ରଥମ ଶିକ୍ଷକ, ପ୍ରଥମ ପଥପ୍ରଦର୍ଶକା ଓ ପ୍ରଥମ ଆଶ୍ରୟ ହୋଇଥାନ୍ତି, ଦୈନନ୍ଦିନ ଜୀବନର ଛୋଟ ଛୋଟ କାର୍ଯ୍ୟ ଓ ଅଦୃଶ୍ୟ ତ୍ୟାଗ ମାଧ୍ୟମରେ ସନ୍ତାନଙ୍କ ମନରେ ନୈତିକତା, ଶିଷ୍ଟାଚାର, କରୁଣା ଓ ଦୃଢ଼ତାର ବୀଜ ବୁଣିଦିଅନ୍ତି । ତାଙ୍କ ପ୍ରଭାବ ଘରର ସୀମାରେ ସୀମିତ ରହେ ନାହିଁ, କାରଣ ସେ ଯେଉଁ ମୂଲ୍ୟବୋଧ ଗଢ଼ିଥାନ୍ତି, ସେଗୁଡ଼ିକ ଆଗାମୀ ପିଢ଼ି, ସମାଜ ଓ ରାଷ୍ଟ୍ରର ଭବିଷ୍ୟତକୁ ଆକାର ଦେଇଥାଏ । କନ୍ୟା ଭାବେ ସେ ଆଶା, ସ୍ୱପ୍ନ ଓ ଦାୟିତ୍ୱର ଭାର ବୋହିଥାନ୍ତି, ନିଜ ଆକାଂକ୍ଷା ଓ ପରିବାରର ଆଶା ମଧ୍ୟରେ ସନ୍ତୁଳନ ରଖି ଆଗକୁ ବଢ଼ନ୍ତି । ସେ ଅତି କମ୍ ବୟସରୁ ଅନୁକୂଳନ, ସହନ ଓ ଆତ୍ମବିକାଶର ପାଠ ଶିଖନ୍ତି, ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ସେତୁ ଭାବେ କାମ କରି ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖି ନୂତନ ପରିବର୍ତ୍ତନକୁ ଗ୍ରହଣ କରନ୍ତି । ଭଉଣୀ ଭାବେ ସେ ସହଚରୀ, ଗୁପ୍ତମନ୍ତ୍ରୀ, ସୁରକ୍ଷକା ଓ ନିରବ ସମର୍ଥକା ହୋଇ ସୁଖ ଓ ଦୁଃଖର ପ୍ରତ୍ୟେକ ମୁହୂର୍ତ୍ତରେ ଭାବନାତ୍ମକ ଶକ୍ତି ପ୍ରଦାନ କରନ୍ତି । ଏହି ସମସ୍ତ ଭୂମିକା ମାଧ୍ୟମରେ ନାରୀ ପରିବାରର ଭାବନାତ୍ମକ ମଜବୁତ ଆଧାର ଭାବେ ଉଭା ହୁଅନ୍ତି, ଧୈର୍ଯ୍ୟ, ବୁଝାମଣା ଓ ନିସ୍ୱାର୍ଥ ସେବା ଦ୍ୱାରା ସମ୍ପର୍କଗୁଡ଼ିକୁ ଯୋଡି ରଖନ୍ତି ଏବଂ ପ୍ରମାଣ କରନ୍ତି ଯେ ସତ୍ୟ ଶକ୍ତି ସବୁବେଳେ ଗର୍ଜନ କରେ ନାହିଁ, ବରଂ କରୁଣା, ତ୍ୟାଗ ଓ ନିରବ ଦୃଢ଼ତାରେ ପ୍ରକାଶ ପାଏ ।

ପରିବାରର ସୀମାକୁ ଅତିକ୍ରମ କରି ନାରୀର ଭୂମିକା ସମାଜରେ ଅଧିକ ବିସ୍ତୃତ ରୂପ ନେଇଥାଏ, ଯେଉଁଠାରେ ସେ ଚିନ୍ତକା, କର୍ମୀ, ନେତୃତ୍ୱଦାତ୍ରୀ ଓ ପରିବର୍ତ୍ତନର ଦୂତୀ ଭାବେ ନିଜ ଅବଦାନ ରଖନ୍ତି, ସେଥିସହ ନିଜ ବ୍ୟକ୍ତିଗତ ସମ୍ପର୍କର ଭାବନାତ୍ମକ ଦାୟିତ୍ୱକୁ ମଧ୍ୟ ସମାନ ଭାବେ ବହନ କରନ୍ତି । ପତ୍ନୀ ଭାବେ ସେ ଜୀବନର ଯାତ୍ରାରେ ସତ୍ୟ ସହଯାତ୍ରୀ ହୋଇ ସ୍ୱପ୍ନ, ସଂଘର୍ଷ ଓ ଦାୟିତ୍ୱକୁ ସାଥୀ ସହ ଭାଗ କରନ୍ତି, ଏକ ସମାନ ଓ ଶକ୍ତିଶାଳୀ ସ୍ତମ୍ଭ ଭାବେ ପରିବାରକୁ ସମର୍ଥନ ଦେଇଥାନ୍ତି । ଭାବନାତ୍ମକ ବୁଦ୍ଧିମତା ଓ ବ୍ୟବହାରିକ ପ୍ରଜ୍ଞାର ସମନ୍ୱୟ ତାଙ୍କୁ ଯେକୌଣସି ବିପରୀତ ପରିସ୍ଥିତିରେ ମଧ୍ୟ ପରିବାରକୁ ସୁସ୍ଥିର ରଖିବାର କ୍ଷମତା ପ୍ରଦାନ କରେ । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ନାରୀ ନିଜ ଭୂମିକାକୁ ପରିବର୍ତ୍ତିତ କରି ଆଗକୁ ବଢ଼ନ୍ତି, ଅନେକ ସମୟରେ ନିଜ ଆବଶ୍ୟକତାକୁ ପଛରେ ରଖି ଅନ୍ୟମାନଙ୍କ ପାଇଁ ଆଗୁଆ ହୋଇଥାନ୍ତି, ତଥାପି ଦୃଢ଼ତା ଓ ମର୍ଯ୍ୟାଦା ସହ ଉନ୍ନତିର ପଥରେ ଅଟୁଟ ରହନ୍ତି । ନାରୀର ଗୁରୁତ୍ୱ କେବଳ ସେ କ'ଣ କରନ୍ତି ସେଥିରେ ନୁହେଁ, ବରଂ ସେ କିପରି କରନ୍ତି ତାହାରେ ନିହିତ, କାରଣ ସେ ନିଜ କର୍ତ୍ତବ୍ୟକୁ ଗରିମା, ସାହସ ଓ ଅଟୁଟ ଦାୟିତ୍ୱବୋଧ ସହ ପାଳନ କରନ୍ତି । ଯେଉଁଠାରେ ସେ ନବପିଢ଼ିକୁ ଗଢ଼ନ୍ତି, ପରିବାରକୁ ସମର୍ଥନ କରନ୍ତି, କର୍ମକ୍ଷେତ୍ରରେ ଅବଦାନ ରଖନ୍ତି କିମ୍ବା ସାମାଜିକ ପରିବର୍ତ୍ତନରେ ନେତୃତ୍ୱ ଦେଇଥାନ୍ତି, ସେଠାରେ ତାଙ୍କ ଉପସ୍ଥିତି ସ୍ଥିରତା, କରୁଣା ଓ ପ୍ରଗତି ଆଣିଥାଏ । ଯେ ସମାଜ ନାରୀଙ୍କୁ ସମ୍ମାନ, ସ୍ୱୀକୃତି ଓ ସଶକ୍ତିକରଣ ପ୍ରଦାନ କରେ, ସେଇ ସମାଜ ହିଁ ସତ୍ୟ ଉନ୍ନତିର ଭିତ୍ତି ଗଢ଼େ, କାରଣ ନାରୀ ସଶକ୍ତ ହେଲେ ପରିବାର ଶକ୍ତିଶାଳୀ ହୁଏ, ସମୁଦାୟ ନ୍ୟାୟସଙ୍ଗତ ହୁଏ ଓ ସମଗ୍ର ବିଶ୍ୱ ସମତା, ସମନ୍ୱୟ ଓ ସ୍ଥାୟୀ ଶାନ୍ତିର ପଥରେ ଆଗକୁ ବଢ଼ିଥାଏ ।

ଆଜିର ଦିନରେ ଜୀବନରେ ବଞ୍ଚିରହିବା ଓ ସମସ୍ୟା ସହିତ ମୁକାବିଲା କରିବା ପାଇଁ ଜଣେ ମହିଳା କେମିତି ହେବା ଉଚିତ-

ଆଜିର ବଦଳୁଥିବା ଦୁନିଆରେ ମହିଳାଙ୍କର ଭୂମିକା ଓ ଆଶା ଅନେକ ପରିବର୍ତ୍ତନ ହୋଇଛି । ଏବେ ସେମାନେ କେବଳ ଘରର କାମରେ ସୀମିତ ନୁହଁନ୍ତି—ସେମାନେ ଶିକ୍ଷା, ଚାକିରି, ନେତୃତ୍ୱ, ବ୍ୟବସାୟ ଓ ସାମାଜିକ ଲଢ଼ାଇରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି । କିନ୍ତୁ ଏହି ସ୍ୱାଧୀନତା ସହିତ ଏକ ନୂତନ ପ୍ରତିସ୍ପର୍ଦ୍ଧା ଓ ସମସ୍ୟା ମଧ୍ୟ ଆସୁଛି । ଏହି ପରିସ୍ଥିତିରେ ଜୀବନରେ ବଞ୍ଚିରହିବା ଓ ସମସ୍ୟା ସହିତ ଲଢ଼ିବା ପାଇଁ ଏକ ମହିଳାକୁ ନିଜକୁ ଏକ ଶକ୍ତିଶାଳୀ, ସୁଜ୍ଞାନବାନ୍ ଓ ସ୍ୱାଧୀନ ବ୍ୟକ୍ତିତ୍ୱ ଭାବେ ଗଠନ କରିବା ଆବଶ୍ୟକ । ଶିକ୍ଷା ହେଉଛି ସ୍ୱାଧୀନତାର ପ୍ରଥମ ପାହାଚ । ଏକ ଶିକ୍ଷିତ ମହିଳା ସଠିକ୍ ସିଦ୍ଧାନ୍ତ ନେଇପାରିବେ, ସଠିକ୍ ଭାବେ ଶିଶୁ ଲାଳନ ପାଳନ କରିପାରିବେ ଏବଂ ନିଜ ସ୍ୱାର୍ଥ ଓ ଅଧିକାରକୁ ରକ୍ଷା କରିପାରିବେ । ଏଥିରେ କେବଳ ପାଠ୍ୟକ୍ରମିକ ଶିକ୍ଷା ନୁହେଁ, ବରଂ ବୃତ୍ତିଗତ ଦକ୍ଷତା, ଆର୍ଥିକ ଜ୍ଞାନ ଓ ସାଧାରଣ ବୁଝିବା ମଧ୍ୟ ଅତ୍ୟାବଶ୍ୟକ । ଭାବନାତ୍ମକ ଶକ୍ତି ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଆଜିର ମହିଳା ବେଶ କିଛି ଚାପ, ନିନ୍ଦା ଓ ଅସୂୟତାର ମୁକାବିଲା କରୁଛନ୍ତି । ଏପରି ସମୟରେ ସେମାନେ ନିଜର ଭାବନାକୁ ନିୟନ୍ତ୍ରଣ କରିବା, ସମୟ ଓ ପରିସ୍ଥିତି ଅନୁଯାୟୀ ମନୋବଳ ରଖିବା ଓ ନିଜର ମୂଲ୍ୟ ବୁଝିବା ଶିଖିବା ଦରକାର । ଆର୍ଥିକ ସ୍ୱାଧୀନତା ମହିଳାଙ୍କ ପାଇଁ ଆବଶ୍ୟକତା ଅଟେ । ଯେଉଁ ମହିଳା ନିଜେ ଅର୍ଜନ କରନ୍ତି, ସେମାନେ ସ୍ୱତନ୍ତ୍ର ଭାବେ ନିଜ ନିଷ୍ପତ୍ତି ନେଇପାରନ୍ତି । ସେଥିପାଇଁ ସେ ଚାକିରି କରନ୍ତୁ, ବ୍ୟବସାୟ କରନ୍ତୁ କିମ୍ବା ଘର କାମ କରନ୍ତୁ, ତାଙ୍କର ଅର୍ଜନ ତାଙ୍କୁ ନିଜ ପାଇଁ ଏବଂ ଦୁନିଆ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଦେଉଛି ।

ଆତ୍ମବିଶ୍ୱାସ ଓ ସାହସ ହେଉଛି ଆଜିର ମହିଳାଙ୍କର ଅନ୍ୟତମ ଶକ୍ତି । ନ୍ୟାୟ ପାଇଁ ଲଢ଼ିବା, ଅନ୍ୟାୟକୁ ପ୍ରତିବାଦ କରିବା ଏବଂ ନିଜ ମତ ବ୍ୟକ୍ତ କରିବାରେ ସେ ଦୃଢ଼ ହେବା ଦରକାର । ସେ ବିନମ୍ର ହୋଇପାରିବେ, କିନ୍ତୁ ବିନମ୍ର ମାନେ ଦୁର୍ବଳତା ନୁହେଁ । ସେଥି ସହ ଏକ ମହିଳା ଦୟାଳୁ ହେବା ସହିତ ସଂଘର୍ଷଶୀଳ ମଧ୍ୟ ହେବା ଦରକାର । ସେ ଦୟା, ସାହାନୁଭୂତି ଓ ସମ୍ମାନ ରଖିବା ସହ ନିଜ ସୀମା ଓ ସ୍ୱାଭିମାନ ରକ୍ଷା କରିପାରିବା ଶିଖିବା ଉଚିତ । ମହିଳାମାନେ ମଧ୍ୟ ନିଜପରି ଅନ୍ୟଙ୍କୁ ସମର୍ଥନ କରିବା ଦରକାର । ଅନ୍ୟ ମହିଳାଙ୍କୁ ତଳକୁ ଟାଣିବାକୁ ଚେଷ୍ଟା ନ କରି, ସେମାନଙ୍କୁ ଉନ୍ନତି ପାଇଁ ପ୍ରେରଣା ଦେବା ଉଚିତ । ଏହା ସମାଜକୁ ଶକ୍ତିଶାଳୀ କରେ ଓ ଏକତା ଆଣେ । ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଜଣେ ମହିଳାଙ୍କ ପାଇଁ ବହୁତ ଦରକାରୀ । ନିଜ ନିଜ ପାଇଁ ସମୟ ଦେବା ଓ ନିଜ ଶରୀର ଓ ମନ ଲାଗି ସେବା ଗ୍ରହଣ କରିବା ମଧ୍ୟ ଆବଶ୍ୟକ । ମେଡିଟେସନ, ବ୍ୟାୟାମ, ଭଲ ଖାଦ୍ୟ ଓ ବିଶ୍ରାମ ସେମାନଙ୍କୁ ଦୃଢ଼ ଓ ସ୍ୱାସ୍ଥ୍ୟବାନ୍ କରିଥାଏ । ଅନୁକୂଳତା ମଧ୍ୟ ଏକ ମହିଳା ପାଇଁ ଅତ୍ୟାବଶ୍ୟକ । ପରିସ୍ଥିତି ବଦଳାଏ, ଚାକିରି ବଦଳାଏ, ଜୀବନକୁ ଅପେକ୍ଷା କରାଯାଇଥିବା ଭଳି ଚ୍ୟାଲେଞ୍ଜ ଆଣେ । ଏପରି ପରିସ୍ଥିତିରେ ଜଣେ ମହିଳା ନିଜକୁ ନୂଆ ଶିକ୍ଷା, ନୂଆ କାର୍ଯ୍ୟ ଓ ନୂଆ ଚିନ୍ତାଧାରା ସହିତ ଖାପଖୁଆଇ ଚାଲିଶିଖିବା ଦରକାର ।

ଶେଷରେ କହିବାକୁ ଗଲେ, ଜଣେ ଆଧୁନିକ ମହିଳା ଶିକ୍ଷିତ, ଭାବନାତ୍ମକ ଭାବେ ଦୃଢ଼, ଆର୍ଥିକ ଭାବେ ସ୍ୱାଧୀନ, ଆତ୍ମବିଶ୍ୱାସୀ, ସହଯୋଗପୂର୍ଣ୍ଣ, ସ୍ୱାସ୍ଥ୍ୟବାନ୍ ଓ ଅନୁକୂଳ ଚିନ୍ତାଧାରାର ହେବା ଦରକାର । ସେ ଏକ ପ୍ରତିଯୋଗୀ ନୁହେଁ, ସେ ଏକ ପ୍ରେରଣା—ଏକ ଶକ୍ତି ଯିଏ ଏହି ଦୁନିଆକୁ ଗଢ଼ିବାରେ ଲାଗିଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୬୪

## ଶ୍ରୀକୃଷ୍ଣଙ୍କର ମହାକ୍ଷୁଧା-୨

ସଂଯୋଗକ୍ରମେ ଶ୍ରୀକୃଷ୍ଣ ଅଚାନକ ପହଞ୍ଚିଗଲେ ।

"ସଖୀ, ଭାରି ଭୋକ ! କ'ଣ ଖାଇବାକୁ ଦିଅ !" - କହିଲେ ଶ୍ରୀକୃଷ୍ଣ ।

ଦ୍ରୌପଦୀ ହଠାତ୍ କାନ୍ଦି ଉଠିଲେ ।

"କାହିଁକି କାନ୍ଦୁଛ ! ମୋତେ ଭୋକ ପରା !"- କହିଲେ କୃଷ୍ଣ ।

କାନ୍ଦି କାନ୍ଦି ଦ୍ରୌପଦୀ ସମସ୍ତ ବିଷୟ କହିଲେ ।

"ମିଛ କହୁଚ ତୁମେ । ଦେଖିବା ସେ ଅକ୍ଷୟପାତ୍ର !"- ଶ୍ରୀକୃଷ୍ଣ କହିବା ସହିତ ଅକ୍ଷୟପାତ୍ର ଭିତରକୁ ଚାହିଁଲେ ।

ହଁ ଅକ୍ଷୟପାତ୍ର ଶୂନ୍ୟ । କିନ୍ତୁ ଗୋଟିଏ ଅନ୍ନ ଦାନା ଓ ଶାଗ ଟୁକୁରା ପାତ୍ରର କାନ୍ଥରେ ଲାଗିରହିଥିଲା । ସେତକ ସେ ନେଇ ନାରାୟଣଙ୍କୁ ସମର୍ପଣ କରି ପାଟିରେ ଭରିଦେଲେ ।

"ଓଃ କି ଶାନ୍ତି !"- ପେଟରେ ହାତବୁଲେଇ କହିଲେ ଶ୍ରୀକୃଷ୍ଣ । ଏବଂ ଡାକିଲେ ଭୀମକୁ । କହିଲେ, "ଭୀମସେନ୍, ନଈକୂଳକୁ ଯାଅ । ଦୁର୍ବାସାଙ୍କୁ କହିବ, ଭୋଜନ ପ୍ରସ୍ତୁତ । ଶୀଘ୍ର ଆସିବା ହୁଅନ୍ତୁ ।"

ଦ୍ରୌପଦୀଙ୍କ ପାଟିରେ କଥାନାହିଁ । ସେ ଆଶ୍ଚର୍ଯ୍ୟ ହୋଇ କେବଳ ଚାହିଁରହିଥିଲେ ଶ୍ରୀକୃଷ୍ଣଙ୍କୁ ।

ଭୀମସେନ୍ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ଶ୍ରୀକୃଷ୍ଣଙ୍କ ଉପରେ ତାଙ୍କର ଭରସା ଥିଲା । ସେ ନଈକୂଳକୁ ଗଲେ । ଦେଖିଲେ, ଦୁର୍ବାସା ଓ ବ୍ରାହ୍ମଣମାନେ ଗାଧାଉଛନ୍ତି ।

"ହେ ମହାତ୍ମା ! ଭୋଜନ ପ୍ରସ୍ତୁତ । ଆସିବା ହୁଅନ୍ତୁ । ବଡ଼ଭାଇ ଯୁଧିଷ୍ଠିର ଅପେକ୍ଷା କରିଛନ୍ତି ।"- କହିଲେ ଭୀମସେନ୍ ।

ବ୍ରାହ୍ମଣମାନେ ମୁହଁ ଚାହାଁଚାହିଁ ହେଲେ । ଦୁର୍ବାସାଙ୍କୁ କହିଲେ, "ଆମେ ଯୁଧିଷ୍ଠିରଙ୍କୁ ଭୋଜନ ପ୍ରସ୍ତୁତ କରିବାକୁ କହିଲେ, କିନ୍ତୁ ଆମର ଯେ ଭୋକ ନାହିଁ । ଆକଣ୍ଠ ଭୋଜନ କଲା ଭଳି ଲାଗୁଛି । ସେଠିକି ଯାଇ ଖାଇବା ଅସମ୍ଭବ । ଯୁଧିଷ୍ଠିରଙ୍କ ପାଖରେ ଅପାମାନିତ ହେବା ।"

ସମାନ ଅବସ୍ଥା ଅନୁଭବ କରୁଥିଲେ ଦୁର୍ବାସା ।

ସେ କହିଲେ ଭୀମସେନ୍‌ଙ୍କୁ- ଆମେ ଭୋଜନ କରିସାରିଛୁ । ଯୁଧିଷ୍ଠିରଙ୍କୁ କହିବ, ଆମକୁ କ୍ଷମାକରିଦେବେ । ଆମେ ଯାଇପାରୁନାହୁଁ ।"

ଦୁର୍ବାସା ଓ ତାଙ୍କର ଶିଷ୍ୟ ଅନ୍ୟତ୍ର ଚାଲିଗଲେ ।



କିଛି ବୁଝିପାରୁ ନଥିଲେ ଭୀମସେନ୍ । ବୋକାଙ୍କ ପରି ସେ ଚାହିଁରହିଥିଲେ ।

ଶ୍ରୀକୃଷ୍ଣ ପରଂବ୍ରହ୍ମ । ତାଙ୍କ ମଧ୍ୟରେ ସମଗ୍ର ଜଗତ ବିଦ୍ୟମାନ । ତାଙ୍କର କ୍ଷୁଧା ପ୍ରଶମିତ ହେବାର ଅର୍ଥ, ଜଗତର ସମସ୍ତ ପ୍ରାଣୀଙ୍କର କ୍ଷୁଧା ପ୍ରଶମିତ ହେବା । ଦୁର୍ବାସା ଓ ତାଙ୍କର ଶିଷ୍ୟଙ୍କର କ୍ଷୁଧା ସେମାନଙ୍କ ଅଜାଣତରେ ପ୍ରଶମିତ ହେବା ଏକ ଅଲୌକିକ ବିଷୟ ।

**ଆସ ମନେରଖିବା :**

ଅକ୍ଷୟ ପାତ୍ର କ'ଣ ?

ପାଣ୍ଡବମାନେ ବନବାସ କାଳରେ ଥିବାବେଳେ ବହୁସଂଖ୍ୟକ ବ୍ରାହ୍ମଣ ଓ ଅତିଥି ସେମାନଙ୍କୁ ଆସି ଭେଟୁଥିଲେ । ଅରଣ୍ୟ ମଧ୍ୟରେ ଏତେଗୁଡ଼ାଏ ଅତିଥିଙ୍କୁ ଚର୍ଚ୍ଚା କରିବା ଅସମ୍ଭବ ହୋଇପଡୁଥିଲା । ଯୁଧିଷ୍ଠିର ପୁରୋହିତ ଧୌମ୍ୟଙ୍କ ପରାମର୍ଶ ମାଗିଲେ । ଧୌମ୍ୟ କହିଲେ, ସୂର୍ଯ୍ୟଦେବତା ହେଉଛନ୍ତି ଜଗତରେ ସମସ୍ତ ଖାଦ୍ୟର ମାଲିକ । ସେ ଇଚ୍ଛାକଲେ କିଛିଗୋଟେ କରିପାରିବେ । ତୁମେ ଗୋଟେ କାମକର । ଗଙ୍ଗା ନଈରେ ଠିଆହୋଇ ସୂର୍ଯ୍ୟଙ୍କୁ ପ୍ରାର୍ଥନାକର ।

ସେଇଆ ହେଲା, ଯୁଧିଷ୍ଠିର ଗଙ୍ଗା ଜଳରେ ଠିଆହୋଇ ସୂର୍ଯ୍ୟଙ୍କ ଆଡେ ଚାହିଁ ଜଣାଣ କଲେ । ସୂର୍ଯ୍ୟ ଖୁସିହୋଇ ତମ୍ବାର ଏକ ପାତ୍ର ତାଙ୍କୁ ଦେଲେ । ଯାହାକୁ ଅକ୍ଷୟପାତ୍ର କୁହାଯାଏ । ଅକ୍ଷୟପାତ୍ରର ବିଶେଷତ୍ୱ ହେଲା ସେଥିରୁ ଖାଦ୍ୟ ସରିବନାହିଁ । ମାତ୍ର ପ୍ରଥମେ ବ୍ରାହ୍ମଣ ଓ ଅତିଥି ଖାଇବେ । ତା'ପରେ ପାଣ୍ଡବ ଭାଇମାନେ । ଦ୍ରୌପଦୀ ଶେଷରେ ଖାଇବେ । ଦ୍ରୌପଦୀ ଖାଇସାରିବା ପରେ, ଅକ୍ଷୟପାତ୍ର ଶୂନ୍ୟ ହୋଇଯିବ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# କିଏ ସେ ଆସୁଛି କିଏରେ କିଏ

*ଶରତ କୁମାର ଦାସ*



କାକର-ମୋତିର ପସରାକୁ ମେଲି
କିଏ ସେ ଆସୁଛି କିଏରେ କିଏ,
ରୂପ ତା ସୁନ୍ଦର କଥା ତା ମଧୁର
ଭାରି ନୂଆନୂଆ ଦିଶେ ତ ସିଏ

କୋଉଠି ତା ଘର ଥିଲା ସେ କୋଉଠି
ହସିହସି ପରା ଆସୁଛି ଏକା,
କେତେ ଯେ ଦରବ ଅଜାଡ଼ି ହାତକୁ
ବରଷକ ପରେ ହୋଇବ ଦେଖା ।

ଅନ୍ଧାରକୁ ତଡ଼ି ଭରିବ ଆଲୋକ
କାନରେ ଫୁଙ୍କିବ ମନ୍ତର ନୂଆ,
କୋଳେଇ ନେବ ସେ ସଭିଙ୍କୁ ସରାଗେ
ହରଷେ ନାଚିବେ ବୁଢ଼ାଠୁ ଛୁଆ ।

ପାଇ ତା' ପରଶ ହସିବ ମୁଲକ
ଫୁଲ ଫୁଟି ବାସ ଚହଟିଯିବ,
ବାଣ-ରୋଶଣିରେ ଝଲମଲ ହୋଇ
ମାଟିରୁ ଆକାଶ ଦୁଲୁକୁଥିବ ।

ମନେ ଆଣିଦେବ ନୂଆ ଆଶା କେତେ
ସପନରେ ଦୋଳି ଖେଳିବ ଆଖି,
ପୁରୁଣାକୁ କାଢ଼ି ନୂଆରଙ୍ଗ ଆଣି
ଦେହରେ ଯତନେ ଦେବ ସେ ମାଖି ।

କରନାହିଁ ଜମା ଉଚ୍ଛୁର ପିଲାଏ
ସନମାନେ ତାକୁ ପାଛୋଟି ଆଣ,
କଥା ମାନି ତା'ର ଚଳିଲେ ଖୁସିରେ
ହାତମୁଠା ତୁମ ହୋଇବ ଟାଣ ।

ଆଶିଷର ଟୋପା ଖସିବ ସରଗୁ
ଦୁନିଆରେ ଦିନେ ହୋଇବ ବଡ଼,
ଆଗକୁ ଆଗକୁ ଚାଲୁଥିବ ବାଟ
ଭାଙ୍ଗିଦେଇ ବାଡ଼ ଜିଣିବ ଗଡ଼ ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

# ନୂଆ ବରଷ

*ସୁଧାକର ରାଉତ*

ଦେବାକୁ ଅସରନ୍ତି ଖୁସି ବୁଣି
ନୂଆ ବରଷଟା ଆସିଛି ପୁଣି ।
ଶୀତ, କୁହୁଡ଼ି, କାକର ନଡରି
ଆସିଛି ଆମ ପାଇଁ ଥରି ଥରି ।

ବିଦାୟୀ ବର୍ଷର ପୁରୁଣା ବ୍ୟଥା
ଭୁଲି ଭାବିବା ନୂଆ ନୂଆ କଥା ।
ନୂଆ ବରଷର କିରଣ ପଡ଼ି
ଦୁଃଖ ଦୈନ୍ୟ ଜୀବନୁ ଦେଉ ତଡ଼ି ।

ମନରେ ଭରିଦେଇ ନୂଆ ଆଶା
ଦୂର କରି ମନରୁ ବାଦ ହିଂସା ।
ଓଠରେ ସଦା ହସଫୁଲ ଫୁଟୁ
ନିରାଶା ହତାଶ ମାଟିରେ ଲୋଟୁ ।

ସବୁରି ସପନ ସାକାର ହେଉ
ସିନିହ ପୀରତିର ଗଙ୍ଗା ବହୁ ।
ସ୍ଥାନ ପାଉ ହୃଦେ ଭାତୃତ୍ୱ ଭାବ
ହିଂସା, ଦ୍ୱେଷ, ଘୃଣା ନପାନ୍ତୁ ଠାବ ।

ଆତଙ୍କବାଦ ଧରଣୀରୁ ହଟି
ଭାତୃତ୍ୱ ଭାବ ମନେ ଉଠୁ ଫୁଟି ।
ନୂଆ ବରଷର ଅମୃତ ଧାରା
ବହିଣ ସୁନ୍ଦର ଦିଶୁ ଏ ଧରା ।

ବିଭୁଙ୍କ ପଦେ ସଦା ରଖି ମତି
ଚାଲିବା ସତ୍ୟ, ନ୍ୟାୟ, ପଥେ ନିତି ।

*ପ୍ରତାପ ନଗରୀ କଟକ*
*ମୋ-୮୨୪୯୯୩୨୭୯୨*



# ନୂଆ ବରଷ ଆସୁଛ ବୋଲି

*ଦୀନବନ୍ଧୁ ପୋଇ*

ନୂଆ ବରଷ ଆସୁଛ ବୋଲି
ହେଲେଣି ପିଲା ଖୁସି
କରିବେ ଭୋଜି ହେଲେଣି ରାଜି
ଖାଇବେ ସବୁ ମିଶି ।
ଭୋଜି ଭାତରେ ମାତି ଗଲେଣି
ତୋ ପ୍ରେମେ ଯାଇ ଫଶି
ବଜାଇ ଡିଜେ ହେଲେଣି ବିଜେ
ପିଲାଏ ଦାଣ୍ଡେ ଆସି ।
ନାଚି ନାଚିକା ଶୁଭେଚ୍ଛା ବାର୍ତ୍ତା
ଜଣେ ଜଣଙ୍କୁ ଦେବେ
ଗୁରୁ ଜନଙ୍କୁ ପ୍ରଣାମ କରି
ଆଶିଷ ସିଏ ନେବେ ।
ଆସିଲ ବୋଲି ଯାଇ ସେ ଭୁଲି
ପୂରୁବ ରାଗ ରୁଷା
ତୁମରି ପାଇଁ ହୋଇ ଗଲେରେ
ସଭିଏଁ ମିଳା ମିଶା ।
ତୁମେ ଆସିଲେ ସବୁ ହସିଲେ
ହସିଲା ଏଇ ଧରା
ଚାଷୀ ଶ୍ରମିକ ଧନୀ ଗରିବ
ହୋଇଲେ ଆତ୍ମହରା ।
ଭଳି ଭଳି କା ଫୁଟି କି ଫୁଲ
ଦିଶେ ସୁନ୍ଦର କ୍ଷେତ
ସେଇଥି ପାଇଁ ଏଫୁଲ ସବୁ
ହାର ଗଢିଛି ମିତ ।
ଆସି ଏମିତି ବର୍ଷକୁ ବର୍ଷ
ଦେଇଯାଉଥା ଖୁସି
ସମାଜେ ଥିବା ଦୁଃଖର ଦୁଃଖ
ଦେଉଥା ସବୁ ନାଶି ।

*ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ*
*ଦୂରଭାଷ - ୯୯୩୮୮୦୨୪୧୨*

# କହିଲ ଦେଖି

*ଅମରନାଥ ବାରିକ୍*

ପୁରୁଣା ମସିହା ଯିବଟି ଚାଲି
ନୂତନ ମସିହା ଆସିବ କାଲି ।
ଦୁଇ ଶୂନ୍ୟ ଦୁଇ ପାଞ୍ଚ ହଜିବ
ଦୁଇ ଶୂନ୍ୟ ଦୁଇ ଛଅ ଆସିବ ।
ଡିସେମ୍ବର ଥାର୍ଟିଫାଷ୍ଟ ପରେ
ଜାନୁଆରୀ ଏକ ଆସଇ ଧିରେ ।
ଆସ ପିଲେ ଆଜି ଜାଣିବା ଆସ
ଇଂରାଜୀରେ ତାକୁ କୁହନ୍ତି କିସ ?

ଥିଲା ଦିନେ କେତେ ଚିଠି ପତର
ଲେଖାରେ ଦରଦି ପ୍ରେମ ଆମର ।
ଏବେ ମୋବାଇଲ୍ କରୁଛି ଖେଳ
ଜଣା ପଡୁନାହିଁ ସରୁଛି ବେଳ ।
ନବବର୍ଷ ଆଗ ପନ୍ଦର ଦିନୁ
ଲେଖୁଥିଲୁ ବାର୍ତ୍ତା ଭାବି ମନରୁ ।
ସେହି ଶୁଭେଚ୍ଛାର ପତ୍ର ଖଣ୍ଡିକୁ
ଇଂରାଜୀରେ କ'ଣ କହନ୍ତି ତା'କୁ ?

ଇଂରାଜୀ ପ୍ରଥାକୁ ଆଗେଇ ନେଲେ
ଆମ ପରମ୍ପରା ସବୁ ଭୁଲିଲେ ।
ନୁହେଁ ସିନା ହିନ୍ଦୁ ନବ ବରଷ
ତଥାପି ସଭିଏଁ ହର୍ଷ ଉଲ୍ଲାସ ।
ନୂଆ ଜାଗା ବୁଲି ଦେଖିଣ ଥାଉ
ବଣ ଭୋଜି କରି ଏକାଠି ଖାଉ ।
ସାଙ୍ଗ ସାଥି ମେଳେ ଯୁଆଡ଼େ ଯାଉ
ଇଂରାଜୀରେ ତାକୁ କଅଣ କହୁ ?

ପିଠା ପଣା ଘରେ ଖୁସିରେ କରୁ
ନବ ବରଷକୁ ସ୍ୱାଗତ କରୁ ।
ତୁଳସୀ ଚଉଁରା କରୁ ପୂଜନ
ଇଷ୍ଟ ଦେବତାଙ୍କ ପାଖେ ଭଜନ ।
ବୈଶାଖ ମାସରେ ପାଳିତ ଏହା
ଆମ ସଂସ୍କୃତିରେ ମହାନ ତାହା ।
ଅଛି ଆମ ନବ ବରଷ ଯେଉଁ
ଓଡ଼ିଆରେ ଆମେ କାହାକୁ କହୁ ?

*କୟାଁ, ମଙ୍ଗଳପୁର, ଯାଜପୁର*
*ମୋ-୯୫୪୦୩୦୮୦୯୫*

# ଆଜି ନୂଆବରଷ

*ପ୍ରଶାନ୍ତ କୁମାର ଦାଶ*

ଆଜି ନୂଆବରଷ
ମନେ ଅଛି ହରଷ
ଦୁଃଖରାତି ଯିବ ପାହି
ହେବ ଧରା ସରସ ।

ଫୁଲ କେତେ ଫୁଟିଛି
ବାସ ତାର ଛୁଟୁଚି
ହସି ହସି ବାଳରବି
ଆକାଶରେ ଉଠିଚି ।

ଉଡିଯାଏ ଗୁଡିଟି
ଚାହିଁଥାଏ ଖୁଡୀଟି
ଗୁଡି ଦେଖି କୁନାକୁନି
ଚୋବାଅନ୍ତି ମୁଡିଟି ।

ଝଲମଲ ଖରାରେ
ପ୍ରଜାପତି ଭରାରେ
ବଗିଚା ଉଠୁଚି ହସି
ନାହିଁ ଜହ୍ନ ତରାରେ ।

ମନେ ରଖି ହରଷ
ପାଇ ସୁଖ ପରଶ
ଚାଷୀକରେ ତାକ୍ଷେତକୁ
ସୁନ୍ଦର ଓ ସରସ ।

ନାଚ ଗୀତ ଆସର
ଭାତ ଡାଲି ବେସର
କରି ଖାଉଛନ୍ତି ପିଲେ
ନରଖି ସେ ଖାସର ।

ଆଜି ନୂଆ ବରଷ
ହେବ ଧରା ସରସ
ଲିଭିଯିବ ଆଖିଲୁହ
ମିଳିଯିବ ହରଷ ।

*କୁଞ୍ଜର-ସଙ୍ଗଲାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ନୂଆବର୍ଷର ପ୍ରଥମ ଦିନ

*ନୀଳମଣି ଚାନ୍ଦ*

ନୂଆବର୍ଷର ପ୍ରଥମ ଦିନ
ଜମୁଛି ଆଜି ଭାରି
ଦେଖରେ ଦେଖ ବସିନି କିଏ
କେଉଁଠି ମନ ମାରି ।
ବଧେଇ ପରା ଦିଆ ସରିଛି
ନୂଆବର୍ଷର ପାଇଁ
ଉପହାର ଦିଆନିଆଟି
ହୁଏ ଘରକୁ ଯାଇ ।
ଅଭିନନ୍ଦନ ପତର ପରା
ମିଳିଯାଇଛି କେତେ
ଦିନ ବଢ଼ିଲେ ହସଖୁସିର
ବଢୁଛି ମାତ୍ରା ସେତେ ।

ନୂଆ ଡାଏରୀ ହୋଇବ ଲେଖା
ହୋଇଛି ଆଗୁ କିଣା
ଭଳି ଭଳିର କ୍ୟାଲେଣ୍ଡର ତ
ସତରେ ମନକିଣା ।
ମିଳିଛି ଛୁଟି ସଭିଏଁ ଜୁଟି
କରନ୍ତି ବଣଭୋଜି
ବୁଲିବା ପାଇଁ ଯାଏରେ କିଏ
ନୂଆ ଜାଗାଟି ଖୋଜି ।
ନୂଆ ବର୍ଷର ପ୍ରଥମ ଦିନ
ଆମେ ଶପଥ ନେବା
ଦେଶ ପାଇଁରେ ଭଲ କାମଟି
କରି ଧନ୍ୟ ଯେ ହେବା ।

*ମନ୍ତ୍ରମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଆସ ଆସ ନୂଆ ବରଷ

*କୀର୍ତ୍ତନ ସାହୁ*

ଆସ ଆସ ନୂଆ ବରଷ
କେତେ ଆଶା ନେଇ
ଚାହିଁ ଅଛୁ ଆମେ
ମନରେ ଭରିଛୁ ହରଷ ।

ସାଙ୍ଗ ସହ ସାଙ୍ଗ ମିଳିବୁ
କେତେ ହସ ଖୁସି
କେତେ ଗପ ସପ
ମଜା କରି ଖେଳ ଖେଳିବୁ ।

ତମକୁ କରିବୁ ସ୍ୱାଗତ
ନିଜ ନିଜ କଥା
ବଖାଣି ବସିବୁ
ଅନୁଭୂତି କରି ଆଗତ ।

ଦୁଃଖ ଆମ ଦେବ ଦୂରେଇ
ପୁରୁଣା ବରଷ
ଅବସୋସ ଯେତେ
ନେଇ ଯିବ ସିଏ ଚୋରେଇ ।

ରଖିବନି କିଛି ଅଭାବ
ଦୁଃଖୀ ଦରିଦ୍ରଙ୍କ
ସେବାରେ ଲାଗିବୁ
ଭଲ ରଖି ଆମ ସ୍ୱଭାବ ।

ଆସ ଆସ ନୂଆ ବରଷ
ଦେଶର ସେବାରେ
ଲାଗି ରହି ଥିବୁ
ଦୂରେ ଠେଲି ଆମ ଅଳସ ।

*ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*

# ବିଦାୟ ଘେନନ୍ତୁ ବିଦାୟୀ ବର୍ଷ

*ନିରଞ୍ଜନ ସାହୁ*



ଇତିହାସ ସାକ୍ଷୀ ରହିବ
ଦିନେ ତାହା କଥା କହିବ
ଭଲ କରିଥିଲେ ସୁନାମ ମିଳିବ
ଖରାପେ ଦୁର୍ନାମ ବହିବ ।

ପୁରୁଣା ବିଦାୟ କରିବା
ତାହାରି ଦୋଷ ନ ଧରିବା
ଯା' ହେବାର ଥିଲା ତାହା ତ ହୋଇଲା
ମନରେ ଦୁଃଖ ନ ଭରିବା ।

ପୁରୁଣା ବରଷ ସରୁଛି
ନୂଆ ଆଗମନ କରୁଛି
ପୁରୁଣା ବର୍ଷର ସ୍ମୃତି ଚିହ୍ନ ସବୁ
ମନ ମାନସରେ ଭରୁଛି ।

କେତେ ଆଶା ସ୍ୱପ୍ନ ଆଣିକି
ଆସିଥିଲା ସିଏ ଜାଣିକି
କଅଣ ଦେଇଛି କଅଣ ନେଇଛି
ଯାଉଛି ସେ ମୁହଁ ହାଣିକି ।

ଆସିବ ନୂତନ ବରଷ
ମନରେ ଭରିବ ହରଷ
ମନର କାମନା ପୂରଣ କରିବ
ନୂଆ ବର୍ଷ ହେବ ସରସ ।

ଯିଏ ଏବେ ଚାଲି ଯାଉଛି
ବହୁତ କଷ୍ଟ ସେ ପାଉଛି
ଦିନ ଥିଲା ଦିନେ ଆସିଥିଲା ସିଏ
ଯାହା କଥା ବିଶ୍ୱ ଗାଉଛି ।

ଗୋଟିଏ ବରଷ ରହିଲା
କେତେ ନୂଆକଥା କହିଲା
କେତେ ସେ ସହିଲା କେତେ ସେ ଦହିଲା
କେତେ ନିନ୍ଦା ସିଏ ବହିଲା ।

ହେ ବିଦାୟୀ ବର୍ଷ ! ଯାଆନ୍ତୁ
ସୁଖରେ ଶାନ୍ତିରେ ଥାଆନ୍ତୁ
ଯେଉଁଠାରେ ଯାଇ ରହିବେ ସେଠାରେ
ସଭିଙ୍କ ଶରଧା ପାଆନ୍ତୁ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ନୂଆବର୍ଷ

*ପ୍ରଶାନ୍ତ କୁମାର ନାଥ*

କିଛି ନୂଆ ଆଶା
ନୂତନ ଭରଷା
ନୂଆ ସମ୍ଭାବନା
ଆଉ କିଛି ନୂତନ ସୃଷ୍ଟିର
ଆଗ୍ରହ ନେଇ
ଧରାକୁ ଆସୁଛି
ଆଉ ଏକ ନବବର୍ଷ ।
ପ୍ରତିବର୍ଷ ସେ ଆସେ
ନୂଆ ରୂପ ନୂଆ ରଙ୍ଗ
ଆଉ ନୂତନ
ଆଗ୍ରହର ସହିତ ।
କେତେବେଳେ ତାର
ରୂପ ଅଧିକ ଆକର୍ଷଣୀୟ
ରଙ୍ଗ ଆହୁରି ରଙ୍ଗୀନ୍
ହେଉଥିବା ବେଳେ
କେତେବେଳେ ତାହା
ପରିବର୍ତ୍ତନ ହୋଇ
ମହାମାରୀ କରୋନା ପରି
ଅନେକ ରଙ୍ଗହୀନ, ବାସହୀନ
ଅନେକ ଅଚିନ୍ତନୀୟ
ଅବ୍ୟକ୍ତ ରୂପକୁ ବ୍ୟକ୍ତ କରିଥାଏ ।
ତଥାପି ପ୍ରତିବର୍ଷ
ସେ ଆସୁଛି ଆଉ ଆସିବ
ଆଉ ଆମକୁ ସେମିତି
ସ୍ୱାଗତ କରିବାକୁ ହେବ ।
ଆସ ସେମିତି ଆଉ ଏକ
ନବବର୍ଷକୁ ସ୍ୱାଗତ କରିବା
କିଛି ନୂଆ ଆଶା
କିଛି ନୂତନ ସୃଷ୍ଟି
ଆଉ ନୂଆ ସମ୍ଭାବନା ଆଶାରେ
ଏଇ ନୂତନ ବର୍ଷକୁ ଭରସା କରି ।

*ସୁନ୍ଦରପୁର, ଉତ୍ତରକୂଳ ହାଟ୍,*
*ପ୍ରୀତିପୁର, ଯାଜପୁର-୭୫୫୦୧୩*
*ମୋ-୮୩୧୦୩୨୮୩୪୫*

# ନୂଆ ବରଷ

*ମନୋଜ କୁମାର ମେହେର*



ନୂଆ ଆଶା ନୂଆ ଉଦ୍ଦୀପନା ନେଇ
ଆସ ହେ ନୂଆ ବରଷ,
ସମସ୍ତ ହୃଦୟେ ଖୁସି ଭରିଯାଉ
ମୁଖେ ଫୁଟୁଥାଉ ହସ ।।
ସରି ସରି ଆସେ ପୁରୁଣା ବରଷ
ନୂଆ ବରଷକୁ ଚାହିଁ,
ଆସ ହସି ହସି ଶାନ୍ତି ମୈତ୍ରୀ ଘେନି
ସୁଖ ସମ୍ଭାରକୁ ନେଇ ।।
ବାଧାବିଘ୍ନ ସବୁ ଯାଉ ଅପସରି
ଝଲସି ଉଠୁ ଜୀବନ,
ଭାତୃଭାବ ସଦା ହୃଦୟରେ ରହୁ
ତୁଟିଯାଉ ଅଭିମାନ ।।
ନବ ବରଷର ପହିଲି କିରଣେ
ଆଲୋକିତ ହେଉ ଧରା,
ଶାନ୍ତିର ବାରତା ଘେନି ଆସ ସାଥେ
ହସି ଉଠୁ ବସୁନ୍ଧରା ।।
ସୁଖ ସମୃଦ୍ଧିର ହେଉ ଏ ବରଷ
ହେଉ ସମସ୍ତଙ୍କ ହିତ,
ସର୍ବେ ଭବନ୍ତୁ ସୁଖିନ ଧାରାରେ
ହସି ଉଠୁ ଏ ଜଗତ ।।

*ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି*
*ମୋ-୯୩୩୭୭୯୩୧୫୭*

# ସ୍ୱାଗତ କରୁଛି ହେ ନୂଆବରଷ

*ନଳିନୀ ଦାଶ*

ଥିରି ଥିରି ପାଦେ ଶୀତୁଆ ରାତିରେ
ଆସହେ ନୂଆ ବରଷ
ତୁମ ଆଗମନେ ଭରୁ ଧରଣୀରେ
ସ୍ନେହ ମମତା ପରଶ ।
ହେଇଯାଉ ଦୂର ଅଜ୍ଞାନ ଅନ୍ଧାର
ଜ୍ଞାନର ବିକାଶ ହେଉ
ଈର୍ଷା ହିଂସା ରାଗ କପଟ ଛଳନା
ସବୁ ଅପସରି ଯାଉ ।
ତୁମର ପରଶ ହେଉ ହେ ସରସ
ଜୀବଜଗତଟି ପାଇଁ
ସବୁରି ମୁଖରେ ହସ ଖୁସି ଭରି
ଦିଅନ୍ତୁ ଜଗତ ସାଇଁ ।
ସ୍ୱାଗତ କରୁଛି ହେ ନୂଆବରଷ
ସୁଖର ଝରଣା ବହୁ
ନୂଆ ବରଷର ନୂଆ ସକାଳରେ
ଦୁଃଖ ଦୂର ହେଇଯାଉ ।
ମନ ପ୍ରାଣ ଢାଳି କରିଯିବୁ କାମ
ଦେଶ ପାଇଁକି ଲଢ଼ିବୁ
ନୂଆ ବରଷରେ ପଣ କରି ଆମେ
ସ୍ୱଚ୍ଛ ଭାରତ ଗଢିବୁ ।
ସବୁରି ମୁଖରେ ହସଫୁଲ ଫୁଟି
ହସୁ ଏଦେଶ ଆମର
ସବୁ ଜାତି ଧର୍ମ ଏକ ମନ ହୋଇ
ଚଳୁଥାନ୍ତୁ ନିରନ୍ତର ।

*ଭିକାରିପଡା, ଶରଣକୁଳ,*
*ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ନୂଆ ବରଷ

*କୁଞ୍ଜବିହାରୀ ସାହୁ*

ବଜାରେ ବଜା ବାଇଦ ବଜା
ସଜାରେ ସଜା ଫୁଲକୁ ସଜା ।
ଫୁଙ୍କରେ ଫୁଙ୍କ ବେଲୁନ ଫୁଙ୍କ
ନାଚରେ ନାଚରେ ଗୀତରେ ଝୁଙ୍କ ।
ଗାଆରେ ଗାଆରେ ଗୀତଟି ଗାଆ
ଥାଆରେ ଥାଆରେ ଖୁସିରେ ଥାଆ ।
ଖାଆରେ ଖାଆରେ ମିଶିକି ଖାଆ
ବାଃ ରେ ବାଃ ରେ କହିଦେ ବାଃ
ଚାହାଁରେ ଚାହାଁରେ ହରଷେ ଚାହାଁ
ଏ ନୂଆ ବରଷ ଆସିଛି ଆହାଃ ।

*ପାତ୍ରପଡା, ଭୁବନେଶ୍ୱର*
*ମୋ-୭୦୦୮୧ ୪୨୦୪୦*

# ବିଜୟ ହଜାରେ ଟ୍ରଫି : ଶକ୍ତିଶାଳୀ ଦିଲ୍ଲୀକୁ ହରାଇଲା ଓଡ଼ିଶା

**ବେଙ୍ଗାଲୁରୁ**

ବିଜୟ ହଜାରେ ଟ୍ରଫିର ଏଲିଟ୍ ଗ୍ରୁପ୍-ଡି ମୁକାବିଲାରେ ଓଡ଼ିଶା କ୍ରିକେଟ୍ ଦଳ ଶକ୍ତିଶାଳୀ ଦିଲ୍ଲୀକୁ ୭୯ ରନ୍‌ରେ ପରାସ୍ତ କରିଛି । ଷ୍ଟାର୍ ବ୍ୟାଟର ବିରାଟ କୋହଲିଙ୍କ ଅନୁପସ୍ଥିତିରେ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ ଓଡ଼ିଶାର ଶାଣିତ ବୋଲିଂ ଆଗରେ ଆଣ୍ଠୁ ମାଡ଼ିଛି ।

ଟସ୍ ଜିତି ଦିଲ୍ଲୀ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୭୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ବିପ୍ଳବ ସାମନ୍ତରାୟ ସର୍ବାଧିକ ୭୨ ରନ୍ (୭୪ ବଲ୍, ୩ ଚୌକା, ୪ ଛକା) କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ପୋଦ୍ଦାର ୩୫ ରନ୍ କରିଥିବା ବେଳେ ଶେଷ ଭାଗରେ ଦେବବ୍ରତ ପ୍ରଧାନ ମାତ୍ର ୯ ବଲ୍‌ରୁ ୨୧ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ ।

୨୭୩ ରନ୍‌ର ପିଛା କରୁଥିବା ଦିଲ୍ଲୀ ଆରମ୍ଭରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଷ୍ଟାର୍ ଖେଳାଳି ରିଷଭ ପନ୍ତ (୨୪) ଏବଂ ନୀତିଶ ରାଣା (୨) ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ଦେବବ୍ରତ ପ୍ରଧାନ ଓ ସମ୍ବିତ ବରାଳଙ୍କ ଘାତକ ବୋଲିଂ ଯୋଗୁଁ ଦିଲ୍ଲୀ ମାତ୍ର ୧୯୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ।

# ବିରାଟ-ରୋହିତଙ୍କୁ ଟେଷ୍ଟରୁ ଅବସର ନେବାକୁ ବାଧ କରାଯାଇଥିଲା : ରବିନ ଉଥାପ୍ପା

**ନୂଆଦିଲ୍ଲୀ**

କ୍ରିକେଟର ଦୁଇ ବଡ଼ ନାମ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ହଠାତ୍ ଟେଷ୍ଟ କ୍ରିକେଟରୁ ଅବସରକୁ ନେଇ ଚର୍ଚ୍ଚା ପୁଣି ଥରେ ତୀବ୍ର ହୋଇଛି । ଏଥର, ପୂର୍ବତନ ଭାରତୀୟ ଓପନର ଏବଂ ଟି-୨୦ ବିଶ୍ୱକପ ବିଜୟୀ ଖେଳାଳି ରବିନ ଉଥାପ୍ପା ଏହି ପ୍ରସଙ୍ଗ ଉଠାଇଛନ୍ତି, ଯିଏ ଏହି ଦୁଇ କିମ୍ବଦନ୍ତୀଙ୍କ ଟେଷ୍ଟ ଅବସରର ସମୟ ଏବଂ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଛନ୍ତି ।




୨୦୨୫ର ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ନିରାଶାଜନକ ପ୍ରଦର୍ଶନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ସିରିଜ ପରାଜୟ ଏବଂ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଚାପ ବୃଦ୍ଧି ପାଇବା ପରେ ହୋଇଥିଲା ।

ଅଷ୍ଟ୍ରେଲିଆ ଗସ୍ତ ପରେ, ଉଭୟ ଖେଳାଳିଙ୍କୁ ରଣଜୀ ଟ୍ରଫି ଖେଳିବାକୁ କୁହାଯାଇଥିଲା ଏବଂ ସେମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ଏହା ସତ୍ତ୍ୱେ, ରୋହିତ ଶର୍ମା ଆଇପିଏଲ ସମୟରେ ଏକ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ହଠାତ୍ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । କିଛି ଦିନ ପରେ, ବିରାଟ କୋହଲି ମଧ୍ୟ ସୋସିଆଲ ମିଡିଆରେ ତାଙ୍କର ଟେଷ୍ଟ ଅବସର ଘୋଷଣା କରିଥିଲେ । ଏହା ଇଂଲଣ୍ଡ ଗସ୍ତ ପୂର୍ବରୁ ଘଟିଥିଲା, ଯାହା ପ୍ରଶଂସକ ଏବଂ କ୍ରିକେଟ ବିଶେଷଜ୍ଞଙ୍କୁ ଚକିତ କରିଥିଲା ।

ରବିନ ଉଥାପ୍ପା କହିଛନ୍ତି ଯେ ଦୁଇ ଜଣଙ୍କ ଅବସର "ସମ୍ପୂର୍ଣ୍ଣ ସ୍ୱାଭାବିକ" ମନେ ହେଉନଥିଲା । ସେ କହିଛନ୍ତି, "ମୁଁ କହୁନାହିଁ ଯେ ଏହି ନିଷ୍ପତ୍ତି ବାଧ୍ୟତାମୂଳକ ଥିଲା, କିନ୍ତୁ ଏହାର ଢଙ୍ଗ ଏବଂ ସମୟ ଏକ ସ୍ୱାଭାବିକ ପ୍ରସ୍ଥାନ ପରି ମନେ ହେଉନଥିଲା । କେବଳ ବିରାଟ ଏବଂ ରୋହିତ ନିଜ ସମୟରେ ସତ୍ୟ କହିପାରିବେ ।"

ଉଥାପ୍ପା ଏହା ମଧ୍ୟ କହିଛନ୍ତି ଯେ ଅଷ୍ଟ୍ରେଲିଆ ଗସ୍ତ ସମୟରେ ରୋହିତ ଶର୍ମାଙ୍କ ଫର୍ମ ଭଲ ନଥିଲା, କିନ୍ତୁ ସେ ବିଶ୍ୱାସ କରିଥିଲେ ଯେ ରୋହିତ ଏକ ଛୋଟ ବିରତି ନେଇଥାନ୍ତେ, ତାଙ୍କ ଫିଟନେସ ଉପରେ କାମ କରି ଫେରିଥାନ୍ତେ ।

ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ, ବିରାଟ କୋହଲି ଏବଂ ରୋହିତ ଶର୍ମା ଏବେ କେବଳ ଓଡିଆଇ କ୍ରିକେଟରେ ଧ୍ୟାନ ଦେଉଛନ୍ତି । ନିକଟରେ ଉଭୟ ବିଜୟ ହଜାରେ ଟ୍ରଫିରେ କାର୍ଯ୍ୟକୁ ଫେରି ଚମତ୍କାର ପ୍ରଦର୍ଶନ କରିଛନ୍ତି । ଉଥାପ୍ପା କହିଛନ୍ତି, "ବିରାଟ ଏବଂ ରୋହିତ ଉଭୟଙ୍କ ଆଖିରେ ପୁଣି ଭୋକ ଦେଖାଯାଉଛି । ଏତେ ଲମ୍ବା କ୍ୟାରିଅର ପରେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ଉତ୍ସାହ ଦେଖିବା ବହୁତ ଭଲ ।"

# ମୁଜାଗଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ସାନକୋଦଣ୍ଡାକୁ ହରାଇ ବୋଇରାଣୀ ଚାମ୍ପିଅନ



**ଭଞ୍ଜନଗର**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ମୁଜାଗଡ଼ରେ ଏକ ସପ୍ତାହ ଧରି ଚାଲିଥିବା ମୁଜାଗଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ସାନକୋଦଣ୍ଡା ଓ ବୋଇରାଣୀ ମଧ୍ୟରେ ହୋଇଥିଲା । ଏଥିରେ ବୋଇରାଣୀ ୫ ଉଇକେଟରେ ବିଜୟୀ ହୋଇଥିଲା । ସାନକୋଦଣ୍ଡା ପ୍ରଥମେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲା । ବୋଇରାଣୀ ଦ୍ୱିତୀୟ ବ୍ୟାଟିଂ କରି ୧୪ ଓଭର ୧ ବଲରେ ୫ ଉଇକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା । ବୋଇରାଣୀର ପ୍ରଦୀପ ଶ୍ରେଷ୍ଠ ଖେଳାଳି ଓ ମିଟୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଏଥିସହ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ସରକାର ସବୁ ପ୍ରକାର ପଦକ୍ଷେପ ନେଇଛନ୍ତି ବୋଲି ବିଧାୟକ ନାୟକ କହିଥିଲେ । କନ୍ଧମାଳ ଏମ ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ଭାଜପା ନେତା ଧୋବା ଗୌଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ରାଜା ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଦୀପକ ସାହୁ ସ୍କୋରର ଦାୟିତ୍ୱରେ ଥିଲେ । ସୁମନ୍ତ ସାହୁ ଓ ପୂର୍ଣ୍ଣ ନାୟକ ଅମ୍ପାୟାରିଂ କରିଥିଲେ । ସ୍ୱେଚ୍ଛାସେବୀ ଅଭୟ ପ୍ରଧାନ ସଭାକୁ ସଂଯୋଜନା କରିଥିଲେ ।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧା ଫାଇନାଲରେ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍, ଯାଜପୁରର ମିଳିତ ଉଦ୍ୟମରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସ ମ୍ୟାଚ୍‌ର ପ୍ରଥମ ସେମିଫାଇନାଲ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା ଓ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍, ଇନ୍ଦୁପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭର ଖେଳି ୭ ୱିକେଟ୍ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସାୱନ ପାହେରିଆ ୪୦ ରନ୍ ସଂଗ୍ରହ କରିଥିଲା ବେଳେ ଓମକାର ଥୋରାଟ



୩୩ ରନ୍ ସଂଗ୍ରହ କରିଥିଲେ । ଗୋପବନ୍ଧୁ କ୍ରିକେଟ୍ କ୍ଲବ୍, ଇନ୍ଦୁପୁରର ବୋଲର ଇଜହାରୁଦ୍ଦିନ ୩ଓଭର ବୋଲିଂ କରି ୧୪ ରନ୍ ଦେଇ ୨ ୱିକେଟ୍ ଅକ୍ତିୟାର କରିଥିବା ବେଳେ ସାହିଲ ୪ ଓଭର ବୋଲିଂ କରି ୨୯ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିୟାର କରିଥିଲେ । ଏହାର ଜବାବରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍, ଇନ୍ଦୁପୁର ୨୧.୨ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୫୮ରନ୍ ସଂଗ୍ରହ କରି ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧା ଠାରୁ ପରାସ୍ତ ହୋଇଥିଲେ । ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ସର୍ବାଧିକ ୩୭ ରନ୍ ଓ ଆଦିତ୍ୟ ଆନନ୍ଦ ୩୨ରନ୍ ସଂଗ୍ରହ କରିଥିଲେ । ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧାର ବୋଲର ପ୍ରଶାନ୍ତ ସାହୁ ୫ ଓଭର ବୋଲିଂ କରି ୩୫ରନ୍ ଦେଇ ୩ଟି ୱିକେଟ୍ ଅକ୍ତିୟାର କରିଥିବା ବେଳେ ସମୀର ମହାନ୍ତି ୫ଓଭର ବୋଲିଂ କରି ୪୭ ରନ୍ ଦେଇ ୩ ୱିକେଟ୍ ଅକ୍ତିୟାର କରିଥିଲେ । ବୁଧବାରର ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା ୩୩ରନ୍ ରେ ବିଜୟ ହାସଲ କରିଥିଲେ । ଆଜିର ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଶାନ୍ତ ସାହୁଙ୍କୁ ମେଲବର୍ଣ୍ଣ କ୍ରିକେଟ୍ କ୍ଲବର ପୂର୍ବତନ କ୍ରିକେଟିୟର ତଥା ବରିଷ୍ଠ ବ୍ୟବସାୟୀ ରତିକାନ୍ତ ସାହୁ ପୁରସ୍କୃତ କରିଥିଲେ । ଏହି ମ୍ୟାଚ୍‌କୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଶ୍ରୀ ଜୟ ମହାପାତ୍ର, ଦିବାକର କର, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଅୟସକାନ୍ତ ଧଳ, ଭୂପତି ମିଶ୍ର, ସୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍‌କୁ ପରିଚାଳନା କରିଥିଲେ । ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଶାରଦ ମହାପାତ୍ର, ସତ୍ୟବ୍ରତ ଯେନା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ପରିଚାଳନା କରିଥିଲେ ।

# ଦିନିକିଆ ଦଳକୁ ଫେରିବେ ମହମ୍ମଦ ସାମି !



**ନୂଆଦିଲ୍ଲୀ**

ଭାରତର ଷ୍ଟାର ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ବନବାସ ସରିବାକୁ ଯାଉଛି । ଦିନିକିଆ ଦଳକୁ ଫେରିବେ ୩୫ ବର୍ଷୀୟ ଦ୍ରୁତ ବୋଲର ସାମି । ଆସନ୍ତା ମାସରେ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳ ଭାରତ ଗସ୍ତରେ ଆସି ୩ଟି ଦିନିକିଆ ଓ ୫ଟି ଟି-ଟ୍ୱେଣ୍ଟି ଖେଳିବାର କାର୍ଯ୍ୟକ୍ରମ ରହିଛି । ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ୩ କିମ୍ବା ୪ ତାରିଖରେ ଦଳ ଘୋଷଣା କରାଯିବ । ଗତ ଦିନିକିଆ ବିଶ୍ୱକପରେ ଘାତକ ବୋଲିଂ କରିଥିବା ପେସ୍ ବୋଲର ମହମ୍ମଦ ସାମି ଦିନିକିଆ ଦଳକୁ ଫେରିବାର ଯଥେଷ୍ଟ ସମ୍ଭାବନା ରହିଛି । ସାମି ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି । ସମ୍ପ୍ରତି ବିଜୟ ହଜାରେ ଟ୍ରଫି ଖେଳୁଛନ୍ତି ଓ ୩ଟି ମ୍ୟାଚ୍‌ରୁ ୬ଟି ୱିକେଟ୍ ଅକ୍ତିଆର କରି ସାରିଛନ୍ତି । ଗତ ଚାମ୍ପିଅନ୍ସ ଟ୍ରଫି ପରଠୁ ସାମି ଭାରତୀୟ ଦଳକୁ ଫେରି ନାହାନ୍ତି । ସେ ନିୟମିତ ଭାବେ ରଣଜୀ ଟ୍ରଫି ଓ ସୟଦ ମୁସ୍ତାକ ଅଲି ଟି-ଟ୍ୱେଣ୍ଟି ଖେଳି ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନ କରିଥିଲେ । ତଥାପି ଚୟନ କମିଟି ତାଙ୍କୁ ଫିଟ୍ ନଥିବା ଦର୍ଶାଇ ଦଳରେ ସ୍ଥାନ ଦେଉ ନଥିଲା । ଚୟନ କମିଟିର ନିଷ୍ପତ୍ତିକୁ ଗଣମାଧ୍ୟମରେ ତୀବ୍ର ସମାଲୋଚନା କରାଯାଉଛି । ଫଳରେ ତାଙ୍କୁ ଏହି ଦିନିକିଆ ସିରିଜ ଜରିଆରେ ସୁଯୋଗ ଦେବାକୁ ଚୟନ କମିଟି ଚିନ୍ତା କରୁଛି । ଚୟନକର୍ତ୍ତାମାନେ ୨୦୨୭ ଦିନିକିଆ ବିଶ୍ୱକପକୁ ନଜରରେ ରଖି ଏହି ନିଷ୍ପତ୍ତି ନେଇପାରନ୍ତି । ଘରୋଇ ଟୁର୍ଣ୍ଣାମେଣ୍ଟରେ ସାମିଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ତାଙ୍କ ଚୟନକୁ ନେଇ କଳ୍ପନାଜଳ୍ପନା ସୃଷ୍ଟି କରିଛି ।

# ଜାତୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜର ନିହାରଙ୍କ କୃତିତ୍ୱ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**




ରାଞ୍ଚିଠାରେ ଅନୁଷ୍ଠିତ ୫୦ତମ ଜାତୀୟ ଯୋଗ ସ୍ପୋର୍ଟସ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜର ନିହାର ରଞ୍ଜନ ସାହୁ ୮ରୁ ୧୦ ବର୍ଷ ବାଳକ ବିଭାଗରେ ୨ୟ ସ୍ଥାନ ଅଧିକାର କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଓ ପ୍ରକାଶ ଥାଉକି କଟକ ଠାରେ ଅନୁଷ୍ଠିତ ୩୧ତମ ରାଜ୍ୟ ସ୍ତରୀୟ ଯୋଗ ପ୍ରତିଯୋଗିତାରେ ବାରିପଦାର ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ପ୍ରସାଦ ବାରିକ, ନିହାର ରଞ୍ଜନ ସାହୁ, କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ ବାଳକ ବିଭାଗରେ ଏବଂ ବାଳିକା ବିଭାଗରେ ଜିଜ୍ଞାସା ମହାନ୍ତ କୃତିତ୍ୱ ହାସଲ କରି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି । ସେମାନଙ୍କ ମଧ୍ୟରୁ ବାରିପଦାର ୩ନଂ ୱାର୍ଡ ସ୍ଥିତ ମାଇନିଂ କଲୋନୀ ନିବାସୀ ପ୍ରବୀର କୁମାର ସାହୁ ଓ ସସ୍ମିତା ସାହୁଙ୍କ ପୁତ୍ର ନିହାର ଜାତୀୟ ସ୍ତରରେ ଏହି କୃତିତ୍ୱ ହାସଲ କରିଛନ୍ତି । ନିହାର ବର୍ତ୍ତମାନ ଭଞ୍ଜପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୫ମ ଶ୍ରେଣୀର ଛାତ୍ର ।

## ୭୧ତମ ରାଜ୍ୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା

# ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ କଲା ମୟୂରଭଞ୍ଜ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କଟକ ଠାରେ ଅନୁଷ୍ଠିତ ୭୧ତମ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ଖେଳାଳିମାନେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି । ଟିମ୍ ମ୍ୟାନେଜର ଶାନ୍ତିଲତା ରାଜ ଓ ନରେଶ ଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ଦଳର ବିନ୍ଦି ସିଂ (୧୮ ବର୍ଷରୁ କମ) ଡିସ୍କସ ଥ୍ରୋରେ, ବାଲହି ମୁର୍ମୁ (୧୮ ବର୍ଷରୁ କମ) ୧୦୦୦ମି ଦୌଡ଼ରେ, ସନ୍ଧ୍ୟା ମୁର୍ମୁ (ମହିଳା ବର୍ଗ) ୧୦ ହଜାର ମିଟର ଦୌଡ଼ରେ ଓ ପୂର୍ଣ୍ଣିମା ହେମ୍ବ୍ରମ (ମହିଳା ବର୍ଗ) ହେପଟାଥଲୋନରେ ୧ମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରାଜେଶ୍ୱରୀ ସିଂ (୨୩ ବର୍ଷରୁ



କମ୍) ୪୦୦ମି ଦୌଡ଼ରେ, ନାମସି ସମାଦ (୨୩ ବର୍ଷରୁ କମ୍) ୫ ହଜାର ଓ ୧୦ ହଜାର ମିଟର ଦୌଡରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଏବଂ ସନ୍ଧ୍ୟା ମୁର୍ମୁ (ମହିଳା ବର୍ଗ) ୫ ହଜାର ମିଟର ଦୌଡରେ, କମଳିନୀ ମାର୍ଣ୍ଡି (୧୪ ବର୍ଷରୁ କମ୍) ଟ୍ରାଇଥୋଲନରେ, ପପାଲୀ ସିଂ (୧୬ ବର୍ଷରୁ କମ୍) ଓ ବିନ୍ଦି ସିଂ (୧୮ ବର୍ଷରୁ କମ) ସଟପୁଟ ଥ୍ରୋରେ, ମାଣ୍ଡୁଇ ପୂର୍ତ୍ତି (ମହିଳା ବର୍ଗ) ହେପଟାଥା-ଲୋନରେ, ସଳକ ସୟ (୨୦ ବର୍ଷରୁ କମ୍) ୫ ହଜାର ମିଟର ୱାକିଙ୍ଗରେ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି ଓ ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ନିଜ କାର୍ଯ୍ୟାଳୟରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ଅମ୍ବିକା ରାଉତ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ରାଜ୍ୟ ଭଲିବଲ ଉପ ସଭାପତି ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ୍ ଭାନୁପ୍ରତାପ ଭଞ୍ଜଦେଓ, ଦଳନ ଚନ୍ଦ୍ର କୁଁଅର ଦେଓ ଉପସ୍ଥିତ ଥିଲେ । ଶେଷରେ ଟିମ୍ ମ୍ୟାନେଜର ଶ୍ରୀ ହେମ୍ବ୍ରମ ଜିଲ୍ଲାପାଳ ତଥା ଆସୋସିଏସନର ସଭାପତି ହେମକାନ୍ତ ସୟଙ୍କୁ ମୟୂରଭଞ୍ଜର ପତାକା ହସ୍ତାନ୍ତର କରିଥିଲେ

# ଜିଲ୍ଲା ପ୍ରଶାସନର ଜବରଦଖଲ ଉଚ୍ଛେଦ ଭଙ୍ଗାଗଲା ସରକାରୀ ଜମିରେ ଥିବା ଘର

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଉଚ୍ଛେଦ ପ୍ରକ୍ରିୟା ହୋଇଛି । ସରକାରୀ ଜମିରେ ଜବରଦଖଲ କରି ଘର କରିଥିବା ବେଳେ ତାହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି । ବାରିପଦା ପୌରପାଳିକା ଅନ୍ତର୍ଗତ ମୁର୍ଗାବାଡ଼ି ସ୍ଥିତ ଗ୍ରାଣ୍ଡ ଗଳିରେ ଉକ୍ତ ଉଚ୍ଛେଦ ପ୍ରକ୍ରିୟା ହୋଇଛି । ଉକ୍ତ ସ୍ଥାନର ବାସିନ୍ଦା କୁଞ୍ଜ ବିହାରୀ ମହାନ୍ତ ୨୩ ଡେସିମିଲ ସରକାରୀ ଜମିରେ ଅନେକ ବର୍ଷ ହେବ ଜବରଦଖଲ କରି ରହିଥିଲେ । ଯାହାକୁ ନେଇ ସ୍ଥାନୀୟ ଲୋକମାନେ ଜିଲ୍ଲା ପ୍ରଶାସନ ଓ କୋର୍ଟରେ ଅଭିଯୋଗ କରିଥିଲେ । ଏନେଇ ବର୍ତ୍ତମାନ ହାଇକୋର୍ଟରେ ମାମଲା ମଧ୍ୟ ଚାଲିଛି । ଉଚ୍ଛେଦ ନେଇ ମାସକ ପୂର୍ବରୁ ନୋଟିସ୍ ହୋଇଥିଲା । ମଙ୍ଗଳବାର ବାରିପଦା ତହସିଲଦାରଙ୍କ ଉପସ୍ଥିତିରେ ଘର ଭଙ୍ଗାଯାଇଛି । ପୋଲିସ ଉପସ୍ଥିତିରେ ଜେସିବି ସାହାର୍ଯ୍ୟରେ ଘର ଭାଙ୍ଗି ମାଟିରେ ମିଶାଯାଇଛି । ତେବେ କୁଞ୍ଜ ବିହାରୀ ମହାନ୍ତ ଏନେଇ ହାଇକୋର୍ଟରେ ମାମଲା କରିଥିବା ବେଳେ ତାହା ଜାରି ରହିଛି । ଇତି ମଧ୍ୟରେ କିପରି ତହସିଲଦାର ଏହାକୁ ଭାଙ୍ଗିଲେ ସେନେଇ ପ୍ରଶ୍ନ କରିଛନ୍ତି । ଏ ବାବଦରେ ସେ ଜିଲ୍ଲାପାଳ ଓ ହାଇ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ।




# ୨୦୨୬ ଟି-୨୦ ବିଶ୍ୱକପ ପାଇଁ ଦଳ ଘୋଷଣା କଲା ଇଂଲଣ୍ଡ

**ନୂଆଦିଲ୍ଲୀ**

ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଭାରତରେ ହେବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ ପାଇଁ ଏହାର ଦଳ ଘୋଷଣା କରିଛି । ଆଶ୍ଚର୍ଯ୍ୟଜନକ ଭାବରେ, ଇଂଲଣ୍ଡ ଟି-୨୦ ବିଶ୍ୱକପ ପାଇଁ ଲିଆମ ଲିଭିଙ୍ଗଷ୍ଟୋନ ଏବଂ ଜେମି ସ୍ମିଥ ଭଳି ବିସ୍ଫୋରକ ଖେଳାଳିଙ୍କୁ ଚୟନ କରିନାହିଁ । ଲିଭିଙ୍ଗଷ୍ଟୋନ ୨୦୨୬ ଆଇପିଏଲ ଖେଳିବେ ଏବଂ ଏକ ମୋଟା ଅଙ୍କର ଟଙ୍କାରେ ବିକ୍ରି ହୋଇଥିଲେ । ଏହା ଉଲ୍ଲେଖନୀୟ ଯେ ଇଂଲଣ୍ଡ କେବଳ ଏକ ଅସ୍ଥାୟୀ ଦଳ ଘୋଷଣା କରିଛି । ଅସ୍ଥାୟୀ ଅର୍ଥ ହେଉଛି ଇଂଲଣ୍ଡ ଏବେ ବି ସେମାନଙ୍କ ଦଳରେ ପରିବର୍ତ୍ତନ କରିପାରେ ।

୨୦୨୬ ଟି-୨୦ ବିଶ୍ୱକପ ପାଇଁ ଇଂଲଣ୍ଡର ଦଳ: ହ୍ୟାରି ବ୍ରୁକ (ଅଧିନାୟକ), ଜୋଫ୍ରା ଆର୍ଚର, ଫିଲ ସଲ୍ଟ (ଉଇକେଟ୍ ? କିପର), ଟମ ବାଣ୍ଟନ, ଜାକବ ବେଥେଲ, ଜୋସ ବଟଲର, ବ୍ରାଇଡନ କାର୍ସେ, ସାମ କୁରାନ, ଲିଆମ ଡସନ, ବେନ ଡକେଟ, ଜେମି ଓଭରଟନ, ଆଦିଲ ରସିଦ, ଜୋଶ ଟଙ୍ଗ, ଏବଂ ଲୁକ ଉଡ ।


ପୌର ପରିଷଦ କାର୍ଯ୍ୟାଳୟ : ଭବାନୀପାଟଣା

OFFICE OF THE MUNICIPAL COUNCIL: BHAWANIPATNA
At/Po- Bhawanipatna Dist.- Kalahandi,Pin-766001 Odisha Phone No- (06670) 230424 Mail- eobptm@yahoo.com

C-1941

No. 4154 /BPM Dt. 29 / 12 /2025

QUOTATION CALL NOTICE

The Executive Officer, Bhawanipatna Municipality on behalf of District AAHAAR Society, Kalahandi invites sealed Quotation from reputed supplier, firm etc. for supplying and installation of commercial dish washer along with the following items for the AAHAAR Centres under Bhawanipatna Municipality.

| Sl No | Item name | Qnty | Specification to be given | Unit Rate in figure |
|---|---|---|---|---|
| 1 | Commercial Dish Washer | Pc | As per Annexure-I | |
| 2 | Water Purifier (Cold Water Refrigerator) | Pc | Any reputed brand Water Cooler, Water Storage Capacity - 80 ltr. Cooling Capacity - 40 Ltr/Hrs, 2 Tap, Company Warranty | |
| 3 | Steel Plates | Pc | Lunch Dinner Thali Set, Straight Thick Edge, Size 13, 28.5 cm / 11.2 inch Diameter of any reputed brand | |
| 4 | Plate Holder Rack | Pc | Any reputed brand of stainless steel rack having 200 plate holder | |
| 5 | Plastic Chair | Pc | Conformity to specification : IS 13713 Arm rest available in Chair With Seat height : 420 - 440 Effective seat depth : 380 - 430 Seat width : 380 - 450 | |
| 6 | Ticket Machine | Pc | As per Annexure-II | |
| 7 | Fly ketcher | Pc | Any reputed brand of Size 24.5 X 9.5 X 15.5, Coverage area : 600 sqft, Lamp : 2 x 20 W | |

The sealed quotation super scribing as **"Quotation for supplying of Dish Washer for AAHAAR Center and other items for the AAHAAR Centres under Bhawanipatna Municipality"** along with all required documents should be sent through speed post/ registered post to the Executive Officer, Bhawanipatna Municipality, Kalahandi. The sealed quotation will be received up to 1.00 P.M on dt.06.01.2026 which will be opened at 4.30 P.M. on the same day in the office chamber of the undersigned in presence of the quotationer or their authorized representatives/agent who may be present at the time of opening of quotations. The details quotation paper & terms & conditions obtained from Kalahandi district web portal Kalahandi.odisha.gov.in & Bhawanipatna Municipality website Bhawanipatnamunicipality.in. The interested quotationer should be incorporated with the Xerox copy of Registration Certificate, Pan Card, Similar Nature of work Experience , GST Clearance Certificate , Annual Turnover which will be duly self-attested.

The authority reserves the right to reject any or all the quotations without assigning any reason thereof.

Sd/- Executive Officer
Bhawanipatna Municipality


# ଗୋନାସିକା ମହୋତ୍ସବ ଲାଗି ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଗୋନାସିକା ମହୋତ୍ସବ ୨୦୨୫ର ଅନ୍ତିମ ଦିବସ ଅବସରରେ ସ୍ଥାନୀୟ ଶଙ୍କରପୁର ସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ ମିଳିତ ଉଦ୍ୟମରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ନାଗରିକ ଏକାଦଶ ପକ୍ଷରୁ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଏହି ମ୍ୟାଚ୍‌ର ନେତୃତ୍ୱ ନେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଭଲ ଖେଳିଥିଲେ ଏବଂ ୪ଟି ଗୋଲ ଦେଇଥିଲେ । ନାଗରିକ ଏକାଦଶରେ ତାଳମେଳ ଆରମ୍ଭରୁ ଠିକ ନଥିଲେ ମଧ୍ୟରେ ଶେଷରେ ସୁଦର୍ଶନ ସ୍ୱାଇଁ ଓ ଯୁଧିଷ୍ଠିର ପାତ୍ର ଲଢୁଆ ଖେଳି ଗୋଟେ ଗୋଟେ ଗୋଲ ଦେଇ ସମ୍ମାନ ରଖିଥିଲେ । ନାଗରିକ ଦଳ ପକ୍ଷରୁ ସୁଢଳ ସେଠୀ ଗୋଲ ରକ୍ଷଣ ଲାଗି କଠିନ ଉଦ୍ୟମ କରି ଲହୁଲୁହାଣ ହୋଇଥିଲେ ।

# ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଯାପିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ପଞ୍ଚଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ପୁସ୍ତକ ମହୋତ୍ସବର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଯାଜପୁରର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା' ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ । ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ସାମଲ ସ୍ତୋତ୍ର ପାଠ କରିଥିଲେ । ସାମ୍ବାଦିକ ତପନ ମହାରଣ୍ୟ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ହୃଷିକେଶ ପତି ପରିଚୟ ପ୍ରଦାନ କରିଥିଲେ । ସଂପାଦକ ଡ. କାହ୍ନୁ ଚରଣ ମିଶ୍ର ଚଳିତ ବର୍ଷ ପୁସ୍ତକ ମହୋତ୍ସବ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଘାଟକ ଭାବେ ଯାଜପୁରର ସାଂସଦ ଡ. ବେହେରା ଯୋଗଦେଇ ପୁସ୍ତକ ମଣିଷ ଜୀବନର ଗତିପଥ ବଦଳାଇ ତାକୁ ଗୋଟିଏ ସୋପାନରୁ ଉପରକୁ ଉନ୍ନୀତ ହେବା ପାଇଁ ମାର୍ଗ ଦର୍ଶାଇଥାଏ । ବ୍ୟକ୍ତି



ଉତ୍ତରଣର ଶ୍ରେଷ୍ଠ ଚେତନା ବହି ମନୁଷ୍ୟକୁ ପ୍ରଦାନ କରିଥାଏ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ଯାଜପୁର ଜିଲ୍ଲା ପରିଷଦର ଅଧ୍ୟକ୍ଷ ଗୌତମ ରାୟ ଯୋଗଦେଇ ଆମର ଭାଷା, ସାହିତ୍ୟକୁ ଉନ୍ନତ କରିବାକୁ ହେଲେ କାଳଜୟୀ ଉପନ୍ୟାସ, କବିତା ସଂକଳନ, ଧର୍ମଶାସ୍ତ୍ର, ଗୀତା ଭାଗବତ, ରାମାୟଣ, ମହାଭାରତ, ବେଦ ଉପନିଷଦ, କବି ଉପେନ୍ଦ୍ରଭଞ୍ଜ, କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କବି ଲକ୍ଷ୍ମୀକାନ୍ତ ମହାପାତ୍ର, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର, କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ, କବି ରବିସିଂ ରଥ ପ୍ରଭୃତି ସାରସ୍ୱତ ସ୍ରଷ୍ଟାମାନଙ୍କର ଅନବଦ୍ୟ ସୃଷ୍ଟିକୁ ଅଧ୍ୟନ କରିବାର ଆବାଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତାଭାବେ ଯାଜପୁର ଲେଖକ ସମ୍ମେଳନର ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ବହି ଏକ ଜୀବନ୍ତ ପ୍ରତିମା, ଏହା ନିର୍ଜିବ ଦେହରେ ପ୍ରାଣ ପ୍ରତିଷ୍ଠା କରିପାରିଥାଏ । ବହି ମଣିଷର ଭାବନାର ସ୍ରୋତକୁ ଅତିନ୍ଦ୍ରିୟ ସ୍ତରରେ ପହଞ୍ଚାଇ ଦିଏ ବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥିଭାବେ ଯାଜପୁରର ତହସିଲଦାର ରବିନାରାୟଣ ପାଢ଼ୀ, ବିଶିଷ୍ଟ ଲେଖିକା ବିଦ୍ୟୁଲତା ଦାସ, ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚର ସଭାପତି ଘନପରିଡ଼ା ପ୍ରମୁଖ ଆଲୋଚନାରେ କରିଥିଲେ । ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସହକାରୀ ଚିକିତ୍ସାଧିକାରୀ ଡ଼ା. ରୂପାନାରାୟଣ ସାହୁ, ଜଗତ୍‌ସିଂହପୁର ବିଶିଷ୍ଟ ପାଲାଗାୟିକା ସୁଶ୍ରୀ ପ୍ରଜ୍ଞା ରାଉତ, ସାରସ୍ୱତ ସାଧକ ତଥା ଯଜ୍ଞ ପ୍ରଭାର ସଂପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ସାହେବଜାଦା ଆସିଫ୍ ରିଜ୍‌ୱାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା । ଗଣ ମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ଓ ସାଂସ୍କୃତିକ ସଂପାଦକ ସନ୍ତୋଷ କୁମାର ମିଶ୍ର ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ । ଶେଷରେ ଉପସଭାପତି ବିଭୂତି ଭୂଷଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଜାନୁଆରୀ ୨୦୨୬ ଗୁରୁବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏନଏଚ-୩୨୬ କୋରାପୁଟ ରାସ୍ତାର...

ବିମାନବନ୍ଦର ଏବଂ ଅନେକ ରେଳ ଷ୍ଟେସନକୁ ଶେଷ ମାଇଲ ସଂଯୋଗକୁ ଉନ୍ନତ କରିବ। ଏହି କରିଡ଼ର ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଏବଂ ଲଜିଷ୍ଟିକ ନୋଡ୍ (ଜେକେ ପେପର, ମେଗା ଫୁଡ୍ ପାର୍କ, ନାଲକୋ, ଇମ୍ଫା, ଉତ୍କଳ ଆଲୁମିନା, ବେଦାନ୍ତ, ହାଲ୍) ଏବଂ ଶିକ୍ଷା/ପର୍ଯ୍ୟଟନ ହବ୍ (କେନ୍ଦ୍ରୀୟ ଓଡ଼ିଶା ବିଶ୍ୱବିଦ୍ୟାଳୟ, କୋରାପୁଟ ମେଡିକାଲ କଲେଜ, ତପ୍ତପାଣି, ରାୟଗଡ଼ା)କୁ ସଂଯୋଗକୁ ଉନ୍ନତ କରିବ। ଏହାଦ୍ୱାରା ଦ୍ରୁତ ମାଲ ପରିବହନ ସୁବିଧା, ଯାତ୍ରା ସମୟ ହ୍ରାସ ଏବଂ ଆଞ୍ଚଳିକ ଆର୍ଥିକ ବିକାଶରେ ସୁଧାର ଆସିବ।

ଏହି ପ୍ରକଳ୍ପ ଦକ୍ଷିଣ ଓଡ଼ିଶାରେ (ଗଜପତି, ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲା) ଦେଇ ଯିବ ଏବଂ ଏହା ଯାନବାହାନ ଚଳାଚଳକୁ ଦ୍ରୁତ ଓ ସୁରକ୍ଷିତ କରି, ଶିଳ୍ପ ଓ ପର୍ଯ୍ୟଟନ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଆକାଂକ୍ଷୀ ଓ ଆଦିବାସୀ ଅଞ୍ଚଳରେ ସେବା ଉପଲବ୍ଧତାକୁ ଉନ୍ନତ କରିବ। ଏହା ସହିତ ଆନ୍ତଃରାଜ୍ୟ ଏବଂ ରାଜ୍ୟ ଭିତରେ ସଡ଼କ ସଂଯୋଗୀକରଣରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଆର୍ଥିକ ବିଶ୍ଳେଷଣ ଦର୍ଶାଉଛି ଯେ ପ୍ରକଳ୍ପର ଇଆଇଆରଆର ୧୭.୯୫% (ମୌଳିକ ମାମଲା)ରେ ରହିଥିବା ବେଳେ ଆର୍ଥିକ ରିଟର୍ଣ୍ଣ (ଏଫଆଇଆରଆର) ନକାରାତ୍ମକ (-୨.୩୨%), ଯାହା ଆର୍ଥିକ ମୂଲ୍ୟାଙ୍କନରେ ହସ୍ତଗତ ସାମାଜିକ ଏବଂ ଅଣ-ବଜାର ଲାଭକୁ ପ୍ରତିଫଳିତ କରିଥାଏ। ଆର୍ଥିକ ଯଥାର୍ଥତା ମୁଖ୍ୟତଃ ଯାତ୍ରା-ସମୟ ଏବଂ ଯାନବାହାନ-ପରିଚାଳନା-ଖର୍ଚ୍ଚ ସଞ୍ଚୟ ଏବଂ ସୁରକ୍ଷା ଲାଭ (ଜ୍ୟାମେଟ୍ରିକ ଉନ୍ନତି ପରେ ପ୍ରାୟ ୨.୫-୩.୦ ଘଣ୍ଟାର ଆନୁମାନିକ ଯାତ୍ରା-ସମୟ ହ୍ରାସ ଏବଂ ମୋହନା ଏବଂ କୋରାପୁଟ ମଧ୍ୟରେ ୧୨.୪୬ କିଲୋମିଟର ଦୂରତା ହ୍ରାସ ସମେତ) ଦ୍ୱାରା ପରିଚାଳିତ।

ପ୍ରତ୍ୟେକ ପ୍ୟାକେଜ ପାଇଁ ନିର୍ଦ୍ଧାରିତ ତାରିଖରୁ ୨୪ ମାସ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି, ତା'ପରେ ପାଞ୍ଚ ବର୍ଷର ତ୍ରୁଟି ଦାୟିତ୍ୱ/ ରକ୍ଷଣାବେକ୍ଷଣ ଅବଧି (ମୋଟ ଚୁକ୍ତିନାମା କାର୍ଯ୍ୟକାଳ ୭ ବର୍ଷ ଭାବରେ ପରିକଳ୍ପିତ : ୨ ବର୍ଷ ନିର୍ମାଣ + ୫ ବର୍ଷ ଡିଏଲପି) ରହିଛି। ବୈଧାନିକ ମଞ୍ଜୁରୀ ଏବଂ ଆବଶ୍ୟକ ଜମି ଅଧିଗ୍ରହଣ ସରିବା ପରେ ଠିକା ପ୍ରଦାନ କରାଯିବ।

## ଓଡ଼ିଶାର ପ୍ରଥମ ମହିଳା...

୨୦୦୫ରେ କେନ୍ଦ୍ର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଛନ୍ତି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଭାବେ ଦକ୍ଷତାର ସହ କାର୍ଯ୍ୟଭାର ତୁଲାଇଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟରେ ଯୁଗ୍ମ ସଚିବ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ସେ ପିଏମଓର ଯୁଗ୍ମ ସଚିବ ଭାବେ ମଧ୍ୟ ଦାୟିତ୍ୱ ସମ୍ଭାଳନ କରିଛନ୍ତି। ଉନ୍ନୟନ କମିଶନର ଭାବେ ଦୀର୍ଘଦିନ ଧରି ଅନୁ ଗର୍ଗ ରହିଆସିଥିଲା ବେଳେ ଜଳସମ୍ପଦ ବିଭାଗର ମଧ୍ୟ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଥିଲେ।

## ଘେଁସ କଲେଜକୁ ଶହୀଦ ମାଧୋ...

ଦିଗରେ ମଧ୍ୟ ନିଜର ଯୋଗଦାନ ଦେଇଆସିଛନ୍ତି। ଶହୀଦ ମାଧୋ ସିଂଙ୍କୁ ନିଜର ଆଦର୍ଶ ମନେକରି ବିଂଝାଲ ଜାତି ତାଙ୍କ ବୀରତ୍ୱ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆଗାମୀ ପିଢ଼ି ସହ ପରିଚିତ କରାଇବାର ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି ବୋଲି କହିବା ସହିତ ଆଦିବାସୀ କଲ୍ୟାଣ ସଂଘକୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶହୀଦ ମାଧୋ ସିଂଙ୍କ ଭଳି ମହାପୁରୁଷ ମାନଙ୍କ ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନ ଜଣାଇବା ପାଇଁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଜନ୍ମସ୍ଥାନର ସ୍ୱତନ୍ତ୍ର ବିକାଶ ନିମନ୍ତେ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ। ଆମ ସରକାର ଆସିବା ପରେ ମହାପୁରୁଷ ମାନଙ୍କ ସାଧନା, ତ୍ୟାଗ ଓ ସମାଜ ପାଇଁ ଥିବା ଅବଦାନକୁ ନୂତନ ପିଢ଼ି ସହ ପରିଚୟ କରାଇ ସେମାନଙ୍କ ମଧ୍ୟରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନବୋଧ ଭରିଦେବା ଉଦ୍ଦେଶ୍ୟରେ ଅନେକ ଯୋଜନା ଓ ପଦକ୍ଷେପ ଗ୍ରହଣ କରିଛନ୍ତି।

ଘେଁସର ଏହି ମହାନାୟକଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ତାଙ୍କ ଜନ୍ମପୀଠ ଘେଁସକୁ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ରେ ସାମିଲ କରାଯାଇଛି। ଏହା ମାଧ୍ୟମରେ ଶହୀଦଙ୍କ ଜନ୍ମପୀଠରେ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍କୁଲ୍ ଡ୍ରପ-ଆଉଟ୍ ହାର ରୋକିବା ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚ' ଯୋଜନା ପ୍ରସ୍ତୁତ ହୋଇଛି। ଏହି ଯୋଜନାରେ ଛାତ୍ରଛାତ୍ରୀ ମାନଙ୍କୁ ନବମ ଓ ଏକାଦଶ ଶ୍ରେଣୀରେ ଅଧ୍ୟୟନ ପାଇଁ ଏକକାଳୀନ ସହାୟତା ରାଶି ଭାବରେ ଛାତ୍ରଛାତ୍ରୀ ପିଛା ୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଘେଁସ ଗ୍ରାମପଞ୍ଚାୟତର ମଧ୍ୟ ୧୦୦ଜଣ ଛାତ୍ରଛାତ୍ରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି ବୋଲି ସେ କହିଥିଲେ।

ଘେଁସ ଗ୍ରାମ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାରଙ୍କ ସମସ୍ତ ପ୍ରମୁଖ ଯୋଜନା ଯେପରିକି ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ଅନ୍ତ୍ୟୋଦୟ ଗୃହ ଯୋଜନା, ପିଏମ କିଷାନ, ସିଏମ କିଷାନ, ଆୟୁଷ୍ମାନ ଭାରତ ଯୋଜନା, ସବୁଥିରେ ଏ ଅଞ୍ଚଳବାସୀ ସାମିଲ ଅଛନ୍ତି। ସମ୍ପୂର୍ଣ୍ଣ ଘେଁସ ଅଞ୍ଚଳର ବିକାଶ ପାଇଁ ଯୋଜନା କରାଯାଉଛି। ଘେଁସ ଅଞ୍ଚଳର ୧୩୭୫ ଜଣ ସୁଭଦ୍ରା ଭଉଣୀଙ୍କ ମଧ୍ୟରୁ ୬୧୭ଜଣ ଲକ୍ଷପତି ଦିଦି ହୋଇ ସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ ବ୍ୟକ୍ତ କରିଥିଲେ।

ସେ ପୁଣି କହିଥିଲେ, ୨୦୩୬ ମସିହା ପାଇଁ ବିକଶିତ ଓଡ଼ିଶାର ଯେଉଁ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇଛି, ସେଥିରେ ଘେଁସ ଅଞ୍ଚଳର ମଧ୍ୟ ଭାଗିଦାରୀ ରହିଛି ତେଣୁ ଏ ଅଞ୍ଚଳର ବରପୁତ୍ର ଓ ସାଧକମାନଙ୍କ ପଥକୁ ଅନୁସରଣ କରି ଜନ୍ମଭୂମି ପ୍ରତି ଉତ୍ସର୍ଗୀକୃତ ମନୋଭାବ ପୋଷଣ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନର ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନରେ ନିଜର ବଳିଷ୍ଠ ଯୋଗଦାନ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମର ପରିସମାପ୍ତି ପରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂଙ୍କ ବାସଗୃହ ପରିସରରେ ତାଙ୍କ ପରିବାର ବର୍ଗଙ୍କୁ ଭେଟିଥିଲେ।

କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଶିଷ୍ଟ କୋଶଲି କବି ପଦ୍ମଶ୍ରୀ ଡକ୍ଟର ହଳଧର ନାଗ, ଶହୀଦ ମାଧୋ ସିଂଙ୍କ ଦାୟଦ ଲୋକେଶ୍ୱର ସିଂ ବରିହା, ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିନନ୍ଦନ ଜଣାଇଲେ...

ଯେ ଅନୁ ଗର୍ଗଙ୍କର ବିଶାଳ ପ୍ରଶାସନିକ ଅଭିଜ୍ଞତା, ଦୂରଦୃଷ୍ଟି ଓ କାର୍ଯ୍ୟକୁଶଳତା ଓଡ଼ିଶାକୁ ବିକାଶର ନୂଆ ଉଚ୍ଚତାରେ ପହଞ୍ଚାଇବ। ତାଙ୍କର ନେତୃତ୍ୱ ରାଜ୍ୟର ଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

ଏହାସହ ମୁଖ୍ୟମନ୍ତ୍ରୀ ଅବସରପ୍ରାପ୍ତ ବିଦାୟୀ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ତାଙ୍କର ଦୀର୍ଘ ଓ ସେବାମୂଳକ କାର୍ଯ୍ୟକାଳ ପାଇଁ କୃତଜ୍ଞତା ଜଣାଇଥିବା ସହ ତାଙ୍କର ଭବିଷ୍ୟତ ଜୀବନ ପାଇଁ ଶୁଭେଚ୍ଛା ମଧ୍ୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନୂତନ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ଓଡ଼ିଶାର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସେ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ୨୦୩୬ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ସେ କାର୍ଯ୍ୟ କରିବେ ଏବଂ ସମସ୍ତଙ୍କ ମିଳିତ ସହଯୋଗରେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ଖୋର୍ଦ୍ଧା ରୋଡ୍ ଡିଭିଜନରେ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାତ୍ରୀ ସୁରକ୍ଷା ବୃଦ୍ଧି କରିବା ଏବଂ ରେଳ ଭିତ୍ତିଭୂମିର ବିଶ୍ୱସନୀୟତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ପୂର୍ବତଟ ରେଳପଥ ଜାନୁଆରୀ ୨୦୨୬ ମଧ୍ୟରେ ଖୋର୍ଦ୍ଧା ରୋଡ୍ ଡିଭିଜନରେ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବ। ଫଳସ୍ୱରୂପ, ନିମ୍ନଲିଖିତ ଟ୍ରେନଗୁଡ଼ିକ ବାତିଲ, ପୁନଃନିର୍ଦ୍ଧାରଣ ଏବଂ ଗନ୍ତବ୍ୟସ୍ଥଳ ଆଗରୁ ସଂକ୍ଷିପ୍ତ ଉତ୍ପତ୍ତି/ ଅବଧି କରାଯିବ । ଜାନୁଆରୀ ୦୧, ୦୪, ୦୫, ୦୬, ୦୮, ୧୧, ୧୨, ୧୩, ୧୫, ୧୮, ୧୯, ୨୦, ୨୨, ୨୫, ୨୬, ୨୭ ଏବଂ ୨୯, ୨୦୨୬ ରେ ବାତିଲ ରହିବ ।

ଜାନୁଆରୀ ୦୨, ୦୫, ୦୬, ୦୭, ୦୯, ୧୨, ୧୩, ୧୪, ୧୬, ୧୯, ୨୦, ୨୧, ୨୩, ୨୬, ୨୭, ୨୮ ଏବଂ ୩୦, ୨୦୨୬ ରେ ବାତିଲ ରହିବ। ସେହିଭଳି ଜାନୁଆରୀ ୦୧, ୦୨, ୦୫, ୦୬, ୦୮, ୦୯, ୧୨, ୧୩, ୧୫, ୧୬, ୧୯, ୨୦, ୨୨, ୨୩, ୨୬, ୨୭, ୨୯ ଏବଂ ୩୦, ୨୦୨୬ ରେ ବାତିଲ ହେବାକୁ ଥିବା



ଟ୍ରେନ ଗୁଡିକ ହେଲା : ଟ୍ରେନ ନମ୍ବର ୧୮୦୨୧/୧୮୦୨୨ ଖଡଗପୁର-ଖୋର୍ଦ୍ଧା ରୋଡ୍-ଖଡ଼ଗପୁର ଏକ୍ସପ୍ରେସ୍। ଟ୍ରେନ୍ ନମ୍ବର ୬୮୪୨୪/୬୮୪୨୩ କଟକ-ଭଦ୍ରକ-କଟକ ମେମୁ । ଟ୍ରେନ୍‌ଗୁଡ଼ିକର ସମୟରେ ପୁନଃନିର୍ଦ୍ଧାରଣ: ଜାନୁଆରୀ ୦୧, ୦୫, ୦୮, ୧୨, ୧୫, ୧୯, ୨୨, ୨୬ ଏବଂ ୨୯, ୨୦୨୬ ଦିନ ହାୱଡ଼ାରୁ ନିର୍ଦ୍ଧାରିତ ସମୟ ଠାରୁ ୧ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡିବ। ଜାନୁଆରୀ ୦୧, ୦୫, ୦୮, ୧୨, ୧୫, ୧୯, ୨୨, ୨୬ ଏବଂ ୨୯, ୨୦୨୬ ରେ ଗଏଜ ଚେନ୍ନାଇ ସେଣ୍ଟ୍ରାଲରୁ ନିର୍ଦ୍ଧାରିତ ସମୟ ଠାରୁ ୨ ଘଣ୍ଟା ବିଳମ୍ବରେ ଛାଡିବ। ଟ୍ରେନ ନମ୍ବର ୨୨୮୯୬ ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ । ଜାନୁଆରୀ ୦୬, ୦୯, ୧୩, ୧୬, ୨୦, ୨୩, ୨୭ ଏବଂ ୩୦ରେ ପୁରୀରୁ ନିର୍ଦ୍ଧାରିତ ସମୟ ଠାରୁ ୧ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡିବ। ନିମ୍ନଲିଖିତ ମେମୁ ଏବଂ ପାସେଞ୍ଜର ଟ୍ରେନଗୁଡ଼ିକ ନିମ୍ନଲିଖିତ ତାରିଖରେ ସୂଚାଯାଇଥିବା ଷ୍ଟେସନରେ ସଂକ୍ଷିପ୍ତ-ଉତ୍ପତ୍ତି/ ସଂକ୍ଷିପ୍ତ-ଅବଧି କରିବ: ଜାନୁଆରୀ ୦୧, ୦୪, ୦୫, ୦୬, ୦୮, ୧୧, ୧୨, ୧୩, ୧୫, ୧୮, ୧୯, ୨୦, ୨୨, ୨୫, ୨୬, ୨୭ ଏବଂ ୨୯, ୨୦୨୬ ରେ: ଟ୍ରେନ ନମ୍ବର ୫୮୫୩୨ ବିଶାଖାପାଟଣା – ବ୍ରହ୍ମପୁର ପାସେଞ୍ଜର ବ୍ରହ୍ମପୁର ପରିବର୍ତ୍ତେ ପଲାସାରେ ସଂକ୍ଷିପ୍ତ ଅବଧି କରିବ। ଟ୍ରେନ ନମ୍ବର ୬୮୪୪୫ କଟକ – ପଲାସା ମେମୁ ପଲାସା ପରିବର୍ତ୍ତେ ସୋମପେଟାରେ ସଂକ୍ଷିପ୍ତ ଅବଧି କରିବ। ଜାନୁଆରୀ ୦୨, ୦୫, ୦୬, ୦୭, ୦୯, ୧୨, ୧୩, ୧୪, ୧୬, ୧୯, ୨୦, ୨୧, ୨୩, ୨୬, ୨୭, ୨୮ ଏବଂ ୩୦ ୨୦୨୬ରେ ଟ୍ରେନ ନମ୍ବର ୬୮୪୧୧ ଭୁବନେଶ୍ୱର-ବ୍ରହ୍ମପୁର ମେମୁ ଉକ୍ତ ତାରିଖରେ ବ୍ରହ୍ମପୁର ପରିବର୍ତ୍ତେ ବାଲୁଗାଁରେ ସଂକ୍ଷିପ୍ତ ଅବଧି କରିବ। ସେହିଭଳି ଜାନୁଆରୀ ୦୨, ୦୫, ୦୬, ୦୭, ୦୯, ୧୨, ୧୩, ୧୪, ୧୬, ୧୯, ୨୦, ୨୧, ୨୩, ୨୬, ୨୭, ୨୮ ଏବଂ ୩୦ ୨୦୨୬ ରେ ଟ୍ରେନ ଗୁଡ଼ିକର ଗନ୍ତବ୍ୟସ୍ଥଳ ଆଗରୁ ସଂକ୍ଷିପ୍ତ ଉତ୍ପତି କରିବ। ଟ୍ରେନ ନମ୍ବର ୫୮୫୩୧ ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ଉକ୍ତ ତାରିଖରେ ବ୍ରହ୍ମପୁର ପରିବର୍ତ୍ତେ ପଲାସାରୁ ଯାତ୍ରା ଆରମ୍ଭ କରିବ । ଟ୍ରେନ ନମ୍ବର ୬୮୪୪୬ ପଲାସା-କଟକ ମେମୁ ଉକ୍ତ ତାରିଖରେ ପଲାସା ପରିବର୍ତ୍ତେ ସୋମପେଟାରୁ ଯାତ୍ରା ଆରମ୍ଭ କରିବ। ଟ୍ରେନ ନମ୍ବର ୬୮୪୧୨ ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଉକ୍ତ ତାରିଖରେ ବ୍ରହ୍ମପୁର ପରିବର୍ତ୍ତେ ବାଲୁଗାଁରୁ ଯାତ୍ରା ଆରମ୍ଭ କରିବ । ଯାତ୍ରୀମାନଙ୍କୁ ଟ୍ରେନ ସେବାରେ ପରିବର୍ତ୍ତନ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ଯାତ୍ରା ଯୋଜନା କରିବାକୁ ଅନୁରୋଧ। ସେମାନଙ୍କୁ ସରକାରୀ ରେଳବାଇ ତଦନ୍ତ ପ୍ରଣାଳୀ, ୱେବସାଇଟ୍ କିମ୍ବା ହେଲ୍ପଲାଇନ୍ ମାଧ୍ୟମରେ ଅପଡେଟ୍ ହୋଇଥିବା ଟ୍ରେନ ବିବରଣୀ ଯାଞ୍ଚ କରିବାକୁ ଅନୁରୋଧ ।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମନୋଜ ଆହୁଜା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଭାବେ ନିଜ କାର୍ଯ୍ୟକାଳର ଶେଷ କାର୍ଯ୍ୟ ଦିବସରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ତାଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଆରତୀ ଆହୁଜାଙ୍କ ସହିତ ବୁଧବାର ଦିନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ ମଧ୍ୟ ଏହି ସାକ୍ଷାତ ସମୟରେ ଉପସ୍ଥିତ ଥିଲେ । ଏହି ସାକ୍ଷାତ ଅବସରରେ ରାଜ୍ୟର ପ୍ରଶାସନିକ ଅଗ୍ରଗତି ଏବଂ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳରେ ନିଆଯାଇଥିବା ପ୍ରମୁଖ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଶ୍ରୀ ଆହୁଜାଙ୍କ ଓଡ଼ିଶା ପ୍ରତି ସେବାମୂଳକ କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିବା ସହ ତାଙ୍କ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ମୁଖ୍ୟ ଶାସନ ସଚିବ ଭାବରେ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳରେ ଦକ୍ଷ ଶାସନ, କଲ୍ୟାଣକାରୀ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ତାଙ୍କର ସମନ୍ୱିତ ଆଭିମୁଖ୍ୟ ଏବଂ ଉନ୍ନତ ସେବା ଯୋଗାଣ ଉପରେ ଗୁରୁତ୍ୱ ସ୍ଥାୟୀ ଶାସନ ସଂସ୍କାର ଏବଂ ବିକାଶମୂଳକ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସହାୟକ ହୋଇଥିଲା।




# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପାଇଁ ଓଡିଶା ଲଜ୍ଜିତ ଓ ନିନ୍ଦିତ ହେଉଛି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହିତ ଓଡିଶା ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ ହୋଇଛି ବୋଲି ବିଜୁ ଜନତା ଦଳ କହିଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟାରେ ଏହି ୧୮ ମାସରେ ଅହେତୁକ ବୃଦ୍ଧି ପାଇଛି ବୋଲି ବିଜେଡି ତଥ୍ୟ ଉପସ୍ଥାପନ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ଼ ସସ୍ମିତ ପାତ୍ର ଓ ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଆଇନ ଶୃଙ୍ଖଳା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତାର ଏକ ଲମ୍ବା ତାଲିକା ପ୍ରଦାନ କରିବା ସହିତ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଡ଼ ସସ୍ମିତ ପାତ୍ର କହିଥିଲେ, ଗତ ୧୮ ମାସର ବିଜେପି ଶାସନରେ ଓଡିଶା କେବଳ ନିଜ ରାଜ୍ୟ ଭିତରେ ନୁହେଁ ବରଂ ଜାତୀୟ ସ୍ତରରେ ଗୋଟିଏ କ୍ଷେତ୍ରରେ ନିନ୍ଦା ଓ ଲଜ୍ଜ୍ୟା ପାଇଛି, ଯାହା ହେଉଛି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା । ଜୁନ ୨୦୨୪ରେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ମୂଳଦୁଆ ପଡିଥିଲା, ମାନ୍ୟବର ରାଜ୍ୟପାଳଙ୍କ ପୁଅ ଦ୍ୱାରା । ପୁରୀ ସ୍ଥିତ ରାଜ୍ୟପାଳଙ୍କ ବାସଭବନ ଭିତରେ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ସହିତ ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ ବାଧ୍ୟ କରାଯାଇଥିଲା । ଏହି ନିନ୍ଦନୀୟ ଘଟଣାକୁ ରାଜ୍ୟ ବିଜେପି ସରକାର ଚାପି ଦେଇଥିଲେ । ସେହିପରି ବିଜେପି କର୍ମୀ ମାନଙ୍କ ଦ୍ୱାରା ବିଏମ୍‌ସି କମିସନରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାଟି ମଧ୍ୟ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ନ୍ୟାୟ ପ୍ରଦାନ କରିବାରେ ବିଜେପି ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇ ଚାଲିଛି । ଗତ ୧୮ ମାସରେ ରାଜ୍ୟରେ ୪୦,୯୪୭ଟି ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଏହି ସଂଖ୍ୟାରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି । ଗୋପାଳପୁର ଗଣଦୁଷ୍କର୍ମ ଘଟଣା କୁହନ୍ତୁ କି ରାଉରକେଲାରେ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ମାମଲା କୁହନ୍ତୁ ବା ବାଲିହରଚଣ୍ଡୀ ଗଣଦୁଷ୍କର୍ମ ମାମଲା ହେଉ କି ଧଉଳି ଗଣଦୁଷ୍କର୍ମ ମାମଲା ହେଉ, ଏହି ଘଟଣା ସବୁ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇ ଓଡିଶା ପାଇଁ ଲଜ୍ଜ୍ୟା ଓ ନିନ୍ଦା ଆଣିଛି । ଏହାଛଡା ଅପରାଧ କ୍ଷେତ୍ରରେ ଓଡିଶା ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ ଭାବେ ଚିହ୍ନିତ ହୋଇ ଏକ ଅଲୋଡ଼ା କୀର୍ତ୍ତିମାନ ହାସଲ କରିଛି । ଡ଼ ପାତ୍ର କହିଥିଲେ, ଆଇନ ଶୃଙ୍ଖଳା ପରିସ୍ଥିତି ଠିକ୍ ନରହିଲେ ରାଜ୍ୟର ବିକାଶ ଉପରେ ବାଧକ ହୋଇଥାଏ। ଏହା ମଧ୍ୟ ଗତ ୧୮ ମାସରେ ଦେଖିବାକୁ ମିଳିଛି । ଗୁରୁ ଖଣିଜ ସମ୍ପଦରୁ ରାଜ୍ୟକୁ ମିଳୁଥିବା ରାଜସ୍ୱ ଯଥାକ୍ରମେ ୫୦,୦୦୦ କୋଟିରୁ ୩୪,୦୦୦ କୋଟିକୁ ଖସିଆସିଛି । ସେହିପରି ଲଘୁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ଖସିଆସିଛି । ରାଜ୍ୟ ସରକାରଙ୍କ ଅଧୀନରେ ଚାକିରି ପାଇଁ ହେଉଥିବା ପରୀକ୍ଷା ଗୁଡିକ ଠିକ ଭାବେ ହୋଇପାରୁନାହିଁ। ଗତ ୧୮ ମାସରେ ୨୦ଟି ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିବାକୁ ବାଧ୍ୟ ହୋଇଛନ୍ତି । ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଦୁର୍ନୀତିକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ରାଜ୍ୟ ସରକାର ଏହାର ତଦନ୍ତ ଦାୟିତ୍ୱ ସିବିଆଇ ହାତରେ ଦେବା ପାଇଁ ବାଧ୍ୟ ହୋଇଥିଲେ। ରାଜ୍ୟର ଗୃହ ମନ୍ତ୍ରାଳୟର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଛି, କିନ୍ତୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଠିକ୍ ରଖିବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଡ଼ ଲେନିନ ମହାନ୍ତି କହିଥିଲେ, ଗତ ଏକ ବର୍ଷଟି ଗଣଦୁଷ୍କର୍ମର ବର୍ଷ ହୋଇଛି । ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡିକ ମହିଳା ମାନଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ଅନୁଭବ ହେଉଛି । ଏଥିଯୋଗୁଁ ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟାରେ ଅହେତୁକ ହ୍ରାସ ପାଇଛି । ଏକାଧିକ ପର୍ଯ୍ୟଟନସ୍ଥଳୀରେ ଗଣଦୁଷ୍କର୍ମ ଘଟଣା ଘଟିବା ପରେ ଆମେରିକା ଏକ ଟ୍ରାଭେଲ ଆଡ଼ଭାଇଜରୀ ଜାରି କରି ଓଡ଼ିଶା ମହିଳାଙ୍କ ପାଇଁ ସୁରକ୍ଷିତ ସ୍ଥାନ ନୁହେଁ ବୋଲି କହିବା ସହିତ ଏଠାକୁ ଆସିବାକୁ ଆମେରିକୀୟ ନାଗରିକ ମାନଙ୍କୁ ବାରଣ କରିଥିଲା। ଏହାଦ୍ୱାରା ଓଡ଼ିଶା ସମଗ୍ର ବିଶ୍ୱରେ ନିନ୍ଦିତ ହୋଇଥିଲା । ସେହିପରି ବିଗତ ବର୍ଷଟି ମଧ୍ୟ ଦଙ୍ଗାର ବର୍ଷ ହୋଇଛି । ରାଜ୍ୟ ସରକାରଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁଁ କଟକ ଭଳି ଭାଇଚାରାର ସହରରେ ଦଙ୍ଗାର ଅଲୋଡ଼ା କୀର୍ତ୍ତିମାନ ସ୍ଥାପିତ ହେଲା । ଆଶା କରିବା ଇଂରାଜୀ ନୂତନ ବର୍ଷ ଠାରୁ ରାଜ୍ୟରେ ଶାନ୍ତି ଫେରି ଆସୁ, ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସୁ, ରାଜ୍ୟବାସୀ ନିଜକୁ ସୁରକ୍ଷିତ ମଣନ୍ତୁ ।

# ଏମ୍ସ ଭୁବନେଶ୍ୱରରେ ପ୍ରଥମ ଲିଭର ପ୍ରତିରୋପଣ ସଫଳତାର ସହିତ ସମ୍ପନ୍ନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମ୍ସ ଭୁବନେଶ୍ୱର ସଫଳତାର ସହିତ ପ୍ରଥମ ଯକୃତ (ଲିଭର) ପ୍ରତିରୋପଣ ସମ୍ପନ୍ନ କରିଛି। ଏହି ଜୀବନ ରକ୍ଷାକାରୀ ଚିକିତ୍ସା ସେବା ପ୍ରଦାନ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ଜନସାଧାରଣଙ୍କୁ ବିଶେଷ ଲାଭ ପ୍ରଦାନ କରିବ। ଚଳିତ ମାସ ୨୦ ତାରିଖରେ ଏମ୍ସ ଭୁବନେଶ୍ୱର ପ୍ରଥମ ଲିଭର ପ୍ରତିରୋପଣ କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ୨୦୨୩ରେ ଆରମ୍ଭ ହୋଇଥିବା ଲିଭର ପ୍ରତିରୋପଣ କାର୍ଯ୍ୟକ୍ରମର ପରିକଳ୍ପନା, ସେହି ବର୍ଷ ହିଁ ସରକାରୀ ଲାଇସେନ୍ସ ପାଇଥିଲା, ପ୍ରକ୍ରିୟା ଆରମ୍ଭ କରିବାକୁ। ଯକୃତ ପ୍ରତିରୋପଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚଳିତ ବର୍ଷ ଆରମ୍ଭ ହୋଇଥିଲା ଏକ ସ୍ୱତନ୍ତ୍ର ଯକୃତ ପ୍ରତିରୋପଣ ଓପିଡି। ପ୍ରତିରୋପଣ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ, ୧୦ ଶଯ୍ୟା ବିଶିଷ୍ଟ, ଅତ୍ୟନ୍ତ ଉନ୍ନତ ପ୍ରତିରୋପଣ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ଆଇସିୟୁ) ନଭେମ୍ବର ୨୦୨୫ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏପରି ସଫଳତା ନିମନ୍ତେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସମଗ୍ର ପ୍ରତିରୋପଣ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏମ୍ସ ଭୁବନେଶ୍ୱର ଏହିଭଳି ଭାବେ ଓଡ଼ିଶା ଏବଂ ଦେଶର ଜନସାଧାରଣଙ୍କୁ ନୂତନ ଅଭିନବ ପ୍ରକ୍ରିୟା ଏବଂ ସେବା ପ୍ରଦାନ କରିବାର ପ୍ରତିବଦ୍ଧତା ରଖିଥିବା ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ଏହି ପ୍ରତିରୋପଣ ପ୍ରକ୍ରିୟା, ଭାତୃତ୍ୱଭାବର ଅପୂର୍ବ ପ୍ରେମକୁ ପୁନର୍ବାର ପ୍ରମାଣିତ କରିଛି। ସାନ ଭାଇର ଯକୃତ ଗ୍ରହଣ କରି ବଡ଼ ଭାଇ ଏକ ନୂତନ ଜୀବନ ପାଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁରୀ ଜିଲ୍ଲା ଅନ୍ତର୍ଗତ ପିପିଲି ଅଞ୍ଚଳର ୩୭ ବର୍ଷୀୟ ଯୁବକ, ନିଜର ଅସୁସ୍ଥ ଯକୃତ କାରଣରୁ ଲକ୍ଷାଧିକ ଟଙ୍କା ବ୍ୟୟ କରି ଏକପ୍ରକାର ଅସହାୟ ହୋଇପଡ଼ିଥିଲେ। ସୁସ୍ଥ ହେବାର କୌଣସି ଲକ୍ଷଣ ଦେଖାଯାଇନଥିଲା। ଉନ୍ନତ ଚିକିତ୍ସା ପାଇଁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବା ନେଇ ତଥ୍ୟ ରଖିଥିଲେ ବିଭିନ୍ନ ହସ୍ପିଟାଲ। ମାତ୍ର ଏମ୍ସରେ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ସୁଲଭ ମୂଲ୍ୟରେ ଏବଂ ଅତ୍ୟାଧୁନିକ ସୁବିଧା ସୁଯୋଗରେ ସେ ସୁସ୍ଥ ହୋଇପାରିଥିବା ଭାବବିହ୍ୱଳ ହୋଇ ପ୍ରକାଶ କରିଛନ୍ତି ତାଙ୍କ ପିତା। ୩୦ ବର୍ଷୀୟ ସାନ ଭାଇ ବଡ଼ ଭାଇଙ୍କୁ ନିଜର ଯକୃତ ପ୍ରଦାନ କରିଛନ୍ତି। ପ୍ରତିରୋପଣ ପରେ ଉଭୟ ଭାଇ ସୁସ୍ଥ ଅଛନ୍ତି। ସାନ ଭାଇ ହସ୍ପିଟାଲରୁ ଡିସ୍ଚାର୍ଜ ହୋଇଥିବା ବେଳେ ଆଉ କିଛିଦିନ ମଧ୍ୟରେ ବଡ଼ ଭାଇ ମଧ୍ୟ ଘରକୁ ଯିବାନେଇ ସୂଚନା ଦେଇଛନ୍ତି ଡ. ବିଶ୍ୱାସ। ୫୦ରୁ ଅଧିକ ସଦସ୍ୟଙ୍କୁ ନେଇ ଗଠିତ ଏହି ଅସ୍ତ୍ରୋପଚାର ଦଳ ଏହି ପ୍ରକ୍ରିୟା ସମାପ୍ତ କରିବାକୁ ପ୍ରାୟ ୧୪ ଘଣ୍ଟା ସମୟ ନେଇଥିଲା। ଉତ୍କର୍ଷତା ଏବଂ ସ୍ଥାୟୀ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ, ଏମ୍ସ ଭୁବନେଶ୍ୱର ଲିଭର ଏବଂ ପିତ୍ତ ରୋଗ ପାଇଁ ଦେଶର ପ୍ରମୁଖ ସରକାରୀ କ୍ଷେତ୍ର ପ୍ରତିଷ୍ଠାନ, ନୂଆଦିଲ୍ଲୀର ଆଇଏଲ୍‌ବିଏସ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏମ୍ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋସର୍ଜରୀ ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକ, ଡ. ତନ୍ମୟ ଦତ୍ତ ଏବଂ ଡ. ସୁନୀତା ଗୁପ୍ତାଙ୍କ ନେତୃତ୍ୱରେ, ନୂଆଦିଲ୍ଲୀର ଆଇଏଲ୍‌ବିଏସ, ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର ମୁଖ୍ୟ ପ୍ରଫେସର ଡ. ବିନୟେନ୍ଦ୍ର ପାମେଚା ଏବଂ ତାଙ୍କ ବିଶେଷଜ୍ଞ ଦଳର ମାର୍ଗଦର୍ଶନରେ ଏହି ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଏମ୍ସ ଭୁବନେଶ୍ୱର ପେଡିଆଟ୍ରିକ୍ସ ସର୍ଜରୀ ବିଭାଗର ଡ. ସୁବ୍ରତ କୁମାର ସାହୁ, (ତାଲିମପ୍ରାପ୍ତ ଶିଶୁ ଯକୃତ




ପ୍ରତିରୋପଣ ସର୍ଜନ) ମଧ୍ୟ ଶଲ୍ୟଚିକିତ୍ସା ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ଏହି କାର୍ଯ୍ୟକ୍ରମକୁ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଶିଶୁ ଚିକିତ୍ସା ବିଭାଗ ମୁଖ୍ୟ ତଥା ଓଟି କମିଟି ଅଧକ୍ଷ ଡ. ମନୋଜ କୁମାର ମହାନ୍ତିଙ୍କ ପକ୍ଷରୁ ଆନୁଷ୍ଠାନିକ ସମର୍ଥନ ମିଳିଥିଲା। ଆନାସ୍ଥେସିଓଲୋଜି ଏବଂ କ୍ରିଟିକାଲ୍ କେୟାର ମୁଖ୍ୟ ଡ. ସତ୍ୟଜିତ ମିଶ୍ର, ଡ. ଶ୍ରୀତମ ସ୍ୱରୂପ ଜେନା ଏବଂ ଡ. ପ୍ରସନ୍ନ କୁମାର ଦାସ ପ୍ରମୁଖ ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ଡ. ତାରା ପ୍ରସାଦ ତ୍ରିପାଠୀ ଏବଂ ଡ. ରଞ୍ଜନ କୁମାର ପଟେଲଙ୍କ ଦ୍ୱାରା ରେଡିଓଲୋଜିକାଲ୍ ସହାୟତା ସୁନିଶ୍ଚିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡ. ମାନସ କୁମାର ପାଣିଗ୍ରାହୀ ଏବଂ ଡ. ହେମନ୍ତ କୁମାର ନାୟକ ଏହି ପ୍ରକ୍ରିୟାରେ ଏକ ବିଶେଷ ଭୂମିକା ନିର୍ବାହ କରିଛନ୍ତି। ଡ. ସୋମନାଥ ମୁଖାର୍ଜୀ, ଡ. ଅଂଶୁମାନ ସାହୁ ଏବଂ ଟିମ୍ ପକ୍ଷରୁ ରକ୍ତଭଣ୍ଡାର ସେବା ଯୋଗାଇ ଦିଆଯାଇଥିଲା। ନର୍ସିଂ ଅଧୀକ୍ଷକ ଡ. ଭି. ମହାଲିଙ୍ଗମଙ୍କ ନେତୃତ୍ୱରେ ନର୍ସିଂ ଏବଂ କ୍ରିଟିକାଲ୍ କେୟାର ନର୍ସିଂ ବୃତ୍ତିଗତଙ୍କ ଏକ ପ୍ରତିବଦ୍ଧ ଦଳ ଦ୍ୱାରା ସାମଗ୍ରୀକ ନର୍ସିଂ ସେବା ପ୍ରତିରୋପଣର ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଦୀପକ ନାରାୟଣଙ୍କ ଦ୍ୱାରା ଅଙ୍ଗ ପ୍ରତିରୋପଣ ରୋଗୀ ପରାମର୍ଶ ପ୍ରକ୍ରିୟା ସମନ୍ୱିତ କରାଯାଇଛି। ପ୍ରକାଶ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବୈଷୟିକ ସହାୟତା ଯୋଗାଇ ଦିଆଯାଇଥିଲା। ଏମ୍ସ ଭୁବନେଶ୍ୱରରେ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ମଧ୍ୟ ଯକୃତ ପ୍ରତିରୋପଣ ରୋଗୀଙ୍କ ତାଲିକା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ପ୍ରତି ମଙ୍ଗଳବାର ଦିନ ଅଡ୍ଡେଇଟାରୁ ଲିଭର ଟ୍ରାନ୍ସପ୍ଲାଣ୍ଟ ଓପିଡି ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଦୁଇ ଶହରୁ ଅଧିକ ରୋଗୀ ଏହି ଓପିଡିରୁ ସେବା ପାଇସାରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଏକ ଉତ୍ସର୍ଗୀକୃତ ବହୁବିଭାଗୀୟ ଦଳ ଦ୍ୱାରା ସମର୍ଥିତ କରାଯାଉଛି, ଯେଉଁଥିରେ ଲିଭର ପ୍ରତିରୋପଣ ଏବଂ ଜିଆଇ ସର୍ଜରୀ ବିଶେଷଜ୍ଞ, ଗ୍ୟାଷ୍ଟ୍ରୋଏଣ୍ଟରୋଲୋଜିଷ୍ଟ, ଶିଶୁ ରୋଗ ବିଶେଷଜ୍ଞ, ପ୍ରତିରୋପଣ ସଂଯୋଜକ, ପରାମର୍ଶଦାତା, ପୁଷ୍ଟିସାର ବିଶେଷଜ୍ଞ, ଆନାସ୍ଥେସିଓଲୋଜିଷ୍ଟ, ରେଡିଓଲୋଜିଷ୍ଟ, ରକ୍ତଭଣ୍ଡାର ବିଶେଷଜ୍ଞ ଏବଂ ଗୁରୁତ୍ୱପୂର୍ଣ୍ଣ ଯତ୍ନ ବିଶେଷଜ୍ଞମାନେ ସାମିଲ ଅଛନ୍ତି, ଯାହା ଏହି ଅଞ୍ଚଳକୁ ବିଶ୍ୱସ୍ତରୀୟ, ବ୍ୟାପକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଏମ୍ସ୍ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥାଏ।

# ଜିରୋ ନାଇଟ ପାଇଁ ୧୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜିରୋ ନାଇଟରେ ଜିରୋ ଟଲେରାନ୍ସ। ଜିରୋ ଆୱାର ଲାଗି କାଉଣ୍ଟଡାଉନ ଆରମ୍ଭ ହୋଇଛି। ସେଲିବ୍ରେସନ ମୁଡ଼ରେ ସହରିଆ। ଜିରୋ ନାଇଟ ସେଲିବ୍ରେସନ ବନାମ ଜିରୋ ଟଲରାନ୍ସ। ମଉଜ, ମସ୍ତି, କର, ମତୁଆଲା ହୁଅ, ହେଲେ ମାତାଲି ହୁଅନି। ମଦ୍ୟପ ଓ ଅମାନିଆ ହେଲେ ସାବାଡ଼ କରିବ କମିଶନରେଟ ପୋଲିସ। ଜିରୋ ନାଇଟ ସେଲିବ୍ରେସନ ପାଇଁ ଟ୍ୱିନ ସିଟିରେ କଡ଼ାକଡ଼ି ନିୟମ । ଚାଲିବନି ହିରୋଗିରି, ନିଶା ଖାଇ ଧରାପଡିଲେ, ଥାନାରେ କଟିବ ନୂଆ ବର୍ଷ ରାତି। ନିୟମ ଭିତରେ ରହିବେ ବାର, ହୋଟେଲ, କ୍ଲବ ଓ ଇଭେଣ୍ଟ ଅର୍ଗନାଇଜର । ଏନେଇ ସୂଚନା ଦେଇଛନ୍ତି ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ । ଆଗକୁ ଜ଼ିରୋ ନାଇଟ ସେଲିବ୍ରେସନ ଓ ନୂଆ ବର୍ଷ ପାଇଁ ଟ୍ୱିନ ସିଟିରେ ନିୟମ କଡ଼ାକଡ଼ି କରାଯାଇଛି । ରାସ୍ତାରେ ଯିବା ଆସିବା ବେଳେ, ନିୟମ ମାନିବା ବାଧ୍ୟତା ମୂଳକ । ମାଳ ମାଳ ପୁଲିସ ରାସ୍ତା ଉପରେ ମାରିବେ ପଇଁତରା ଓ ମଦ ପିଇ ଥିବା ବ୍ୟକ୍ତି ବିଶେଷ ସାଙ୍ଗରେ ଡ୍ରାଇଭର ନେଇ ଘରକୁ ଫେରିବେ। ମଦ ପିଇ ରାସ୍ତାରେ ଉପରେ ଉତ୍ପାତ କଲେ, କିମ୍ବା ନିଶାଶକ୍ତ ଅବସ୍ଥାରେ ଧରା ପଡିଲେ, ଥାନାରେ କଟିବ ନୂଆବର୍ଷ । କ୍ଲବ, ବାର, ହୋଟେଲ ମାନଙ୍କରେ ମାଲିକ, ମ୍ୟାନେଜର ସମସ୍ତ ନିୟମ ଉପରେ କଡା ନଜର ରଖିବେ ଓ ଭିତରକୁ ଥିବା ପ୍ରବେଶ ଓ ପ୍ରସ୍ଥାନ ପଥରେ ଏଣ୍ଟ୍ରିଂ ଓ ଏଗଜିଟର ଭିଜିବୁଲ ସାଇନ ବୋର୍ଡ ଲଗାଇବା ବାଧ୍ୟତାମୂଳକ। ଯେପରି କୌଣସି ଇଲେକଟ୍ରିକ ସର୍ଟ ସର୍କିଟ ହେବ ନାହିଁ ତା'ଉପରେ ଧ୍ୟାନ ଦେବେ। ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତେ ସେଲିବ୍ରେସନ ଅନୁମତି ଦିଆଯାଇଛି। ୧୮ ପ୍ଲାଟୁନ ଫୋର୍ସ, ୨୯ ଯାଗାରେ ୱାଚ ଟିମ ସହ ସହରର ବିଭିର୍ନ ସ୍ଥାନରେ ନାକା ଲାଗିଛି ।

## ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ବିଭାଗୀୟ ସମୀକ୍ଷା

# ଅଦ୍ୟାବଧି କ୍ରୟ ହେଲାଣି ପ୍ରାୟ ୧୦ ଲକ୍ଷରୁ ଅଧିକ ମେଟ୍ରିକ ଟନ୍ ଧାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଭାଗୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ରାଜ୍ୟରେ ଜାରି ଖରିଫ ଧାନକିଣା ଋତୁରେ ଏ ପର୍ଯ୍ୟନ୍ତ ୧୮ଟି ଜିଲ୍ଲାର ପ୍ରାୟ ୨ ଲକ୍ଷ ୨୮ ହଜାର ଚାଷୀଙ୍କ ଠାରୁ ପ୍ରାୟ ୧୦ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପାଖାପାଖି ୧୭୯୦ କୋଟି ଟଙ୍କା ଓ ଇନ୍‌ପୁଟ ସହାୟତା ବାବଦକୁ ୫୫୨ କୋଟି ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥିବା ସେ ଅବଗତ କରାଇଥିଲେ। ରାଜ୍ୟରେ ଧାନ କିଣାକୁ ତ୍ୱରାନ୍ୱିତ କରିବା ସହ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନିୟମିତତାର ଅଭିଯୋଗ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟରେ ୧୦ ଲକ୍ଷ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ପ୍ରାଥମିକ ଭାବେ ୪ ଲକ୍ଷ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ସରକାର ଅନୁମୋଦନ କରିଥିବା ବେଳେ ଆଉ ୬ ଲକ୍ଷ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ସେହିଭଳି ଧାନକିଣାରୁ ଉତ୍ପାଦିତ ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. **ST-OT-MSDAC-KUR-529**, ତା.**24.12.2025**ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ତାପଙ୍ଗ, ଭୁଷଣ୍ଡପୁର ଏବଂ କାଳୁପଡ଼ାଘାଟ ଠାରେ ଆନାଲଗ୍ ଏକ୍ସେଲ କାଉଣ୍ଟର ସ୍ଥାନରେ **MSDAC** ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ (₹): **6,09,71,659.00**, **EMD (₹) : 4,54,900.00**

ବିଡ୍ ଆରମ୍ଭ ହେବା ତାରିଖ : ତା.**01.01.2026**ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**

ତା. **15.01.2026** ରିଖ **1100** ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **https://www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

**PR-958/Q/25-26**

ଭୁବନେଶ୍ୱର
୦୧ ଜାନୁଆରୀ, ଗୁରୁବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

## ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ତ୍ରୁଟି ପ୍ରସଙ୍ଗରେ ମୁଖ୍ୟ ପ୍ରଶାସକଙ୍କ ସ୍ୱଷ୍ଟୀକରଣ

# 'ଏହା ତାଳପତ୍ର ଚିତ୍ର ଯାହା ବହୁ ପୁରୁଣା'

**ପୁରୀ,୩୧/୧୨ ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ମନ୍ଦିର କ୍ୟାଲେଣ୍ଡରରେ ଗୁରୁତର ତ୍ରୁଟି ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ୱଷ୍ଟୀକରଣ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ । ଏହା ଏକ ପୁରୁଣା ତାଳପତ୍ର ଚିତ୍ର ଯାହା ଶିଳ୍ପୀଙ୍କ କ୍ରିଏଟିଭିଟି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରକାଶିତ କ୍ୟାଲେଣ୍ଡର ତ୍ରୁଟି ସମ୍ପର୍କରେ ସ୍ୱଷ୍ଟୀକରଣ ରଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି, "ଏହା ଏକ ତାଳପତ୍ର ଚିତ୍ର । ଯାହାକି ୩୦୦/୪୦୦ ବର୍ଷ ପୁରାତନ । ଶିଳ୍ପୀଙ୍କ ଦ୍ୱାରା ପ୍ରଦତ୍ତ ଚିତ୍ରକୁ କେବଳ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି । ଏ ଚିତ୍ରଟି ଶିଳ୍ପୀଙ୍କ କ୍ରିଏଟିଭିଟି ।'' ଛପା ଯାଇଥିବା କ୍ୟାଲେଣ୍ଡରକୁ ପୁନଃ ପ୍ରକାଶିତ କରାଯିବ



ନା ନାହିଁ ସେ ସମ୍ପର୍କରେ କୌଣସି ଉତ୍ତର ରଖିନାହାନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଅନ୍ୟପଟେ କ୍ୟାଲେଣ୍ଡରରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ବଳଭଦ୍ର ଓ ବଳଭଦ୍ରଙ୍କ ସ୍ଥାନରେ ଶ୍ରୀଜଗନ୍ନାଥ ରହିବା ନେଇ ଆଇନ ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି "ମୋ ନଜରକୁ ଆସିବା ପରେ ଘଟଣା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ କଥା ହୋଇଛି । କ୍ୟାଲେଣ୍ଡରରେ ଯେଉଁ ଫୋଟୋରେ ତ୍ରୁଟି ରହିଛି ସେ ନେଇ ତର୍ଜମା କରାଯାଉଛି । ଯଦି ତ୍ରୁଟି ବିଚ୍ୟୁତି ଥିବ ତାହାର ସଂଶୋଧନ କରାଯିବ ।'' ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଇଂରାଜୀ ନୂଆବର୍ଷ ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଟେବୁଲ କ୍ୟାଲେଣ୍ଡର, ୱାଲ କ୍ୟାଲେଣ୍ଡର ଓ ଡାଏରୀ ତିଆରି କରାଯାଇଛି । କ୍ୟାଲେଣ୍ଡରକୁ ବିକ୍ରି ନିମନ୍ତେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେଇଛି । ଏହି କ୍ୟାଲେଣ୍ଡରରେ ଗୁରୁତର ତ୍ରୁଟିକୁ ଦେଖି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ପଟଚିତ୍ରରେ ଅଙ୍କା ଯାଇଥିବା ଚିତ୍ରର ଫଟୋକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କ୍ୟାଲେଣ୍ଡରରେ ଛପା ଯାଇଛି । ସେହିପରି ମହାପ୍ରଭୁଙ୍କ ରଥଯାତ୍ରା ସମୟର ଏକ ଫଟୋ ଏଥିରେ ରହିଥିବା ବେଳେ ଦେବୀ ସୁଭଦ୍ରାଙ୍କ ରଥ ପ୍ରଥମେ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଓ ଶେଷରେ ବଡ଼ଠାକୁରଙ୍କ ରଥ ଟଣା ଯାଇଥିବା ଚିତ୍ର ରଖାଯାଇଛି ।

## କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ଅଧକ୍ଷତାରେ ନୀତି ସମ୍ପାଦନ ବୈଠକ

# ଚନ୍ଦ୍ରଭାଗାରେ ରାତି ୪ଟା ୪୧ରେ ମାଘ ସପ୍ତମୀ ବୁଡ଼

**କୋଣାର୍କ,୩୧/୧୨ ନ୍ୟୁଜ ବ୍ୟୁରୋ**

କୋଣାର୍କ ଏନ୍‌ଏସି ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ଅଧକ୍ଷତାରେ ନୀତି ସମ୍ପାଦନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁୟାରୀ ୨୪ ଓ ୨୫ ତାରିଖ ଚନ୍ଦ୍ରଭାଗା ତୀର୍ଥରେ ମାଘ ସପ୍ତମୀ ବୁଡ଼। ପୂର୍ବ ରାତି ମାଘ ଷଷ୍ଠୀ ଶନିବାର ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଅନୁମାନ କରାଯାଉଛି। ପଞ୍ଜିକାନୁଯାୟୀ ତିନି ଠାକୁରଙ୍କ ଚନ୍ଦ୍ରଭାଗା ତୀର୍ଥକୁ ଶୋଭାଯାତ୍ରା ଓ ସ୍ନାନ ନୀତି ନିର୍ଘଣ୍ଟ ନିର୍ଦ୍ଧାରଣ କରାଯାଇଛି । ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୨୪ତାରିଖ ମାଘ ଶୁକ୍ଳ ଷଷ୍ଠୀ ରାତି ୮ଟା୧୦ରୁ ମାଧିପୁର ଗ୍ରାମର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ଇଶାଣେଶ୍ୱର, କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିବେ। ତିନି ଠାକୁର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ପ୍ରଥମେ କୋଣାର୍କ ଏନଏସି ମଣ୍ଡପ ଓ ପରେ ଅତିରିକ୍ତ ତହସିଲ କାର୍ଯ୍ୟାଳୟ, ଆଇବି ପରିସରରେ ପୂଜାର୍ଚ୍ଚନା କରାଯିବ। ପୂଜା ସମାପନ ପରେ ଶୋଭାଯାତ୍ରାରେ ବାହାରି ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଁଚିବେ। ଏଠାରେ ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ସରିଲେ ୨୫ତାରିଖ ସପ୍ତମୀ ତାଥିରେ ମାହେନ୍ଦ୍ରବେଳା ୪ଟା୪୧ ମଧ୍ୟରେ ପବିତ୍ର ତୀର୍ଥ ଜଳରେ ତିନି ଠାକୁର ସ୍ନାନ କରିବେ । ରାତି ୪ଟା୪୧ରୁ ସାଧୁସନ୍ଥ ଓ ଅପେକ୍ଷା ରଥ ଶ୍ରଦ୍ଧାଳୁମାନେ ସ୍ନାନ କରିବାର ସୁଯୋଗ ପାଇବେ । ସେବାୟତଙ୍କ କେତେକ ସମସ୍ୟା ସମାଧାନ ହୋଇ ନ ଥିବାରୁ ଗତ ୨୯ତାରିଖରେ ଅନୁଷ୍ଠିତ ବୈଠକରେ ତିନି ଠାକୁରଙ୍କ ଶୋଭାଯାତ୍ରା ଓ ସ୍ନାନ ନୀତି ନିର୍ଘଣ୍ଟ ସ୍ଥଗିତ ରଖାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ପତି, ଅସ୍ତରଙ୍ଗ ତହସିଲଦାର ପ୍ରୀୟଙ୍କା ପ୍ରୀୟଦର୍ଶନୀ, କୋଣାର୍କ ଏନଏସି ଅଧକ୍ଷା ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ସଞ୍ଜୟ ରାଉତରାୟ, ତିନି ଠାକୁରଙ୍କ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ ।




## ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଶେଷ ସଚିବସ୍ତରୀୟ ବୈଠକ

# ଓଡ଼ିଶାର ପ୍ରଗତି ଓ ବିକାଶକୁ ନେଇ ଆଲୋଚନା

**ଭୁବନେଶ୍ୱର ୩୧।୧୨ ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଶେଷ ସଚିବସ୍ତରୀୟ ବୈଠକ । ବୁଧବାର ସରିଛି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ । ଶେଷ ସଚିବ ସ୍ତରୀୟ ବୈଠକରେ ବିଭାଗୀୟ ସଚିବମାନଙ୍କ ସହ ଓଡ଼ିଶାର ପ୍ରଗତି ଓ ବିକାଶକୁ ନେଇ ଆଲୋଚନା କରିଛନ୍ତି ଶ୍ରୀ ଆହୁଜା। ବୈଠକ ପରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ମୋ କାର୍ଯ୍ୟକାଳ ଭିତରେ ବହୁତ ଭଲ ସମନ୍ୱୟ ଆଉ ଟିମ୍ ୱାର୍କ ଥିଲା । ସଚିବ ସ୍ତରୀୟ ବୈଠକରେ ମଧ୍ୟ ସେନେଇ ଆଲୋଚନା ହୋଇଥିଲା । ଓଡ଼ିଶାବାସୀଙ୍କ କେମିତି ଇଜ ଅଫ ଲିଭିଙ୍ଗ ଏବଂ ଇଜ ଅଫ ଡୁଇଙ୍ଗ ବିଜିନେସରେ ସୁଧାର ଆସିପାରିବ, ଓଡ଼ିଶାକୁ ଯେତିକି ନିବେଶ ଆସୁଛି ସେଥିରୁ କିଛି କ୍ଷେତ୍ରକୁ ନେଇ ବିଶ୍ୱସ୍ତରର ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଦେଢ଼ ବର୍ଷରେ ରାଜ୍ୟ ସରକାରଙ୍କୁ ବହୁତ ଉପଲବ୍ଧି ମିଳିଛି। ଅଳ୍ପ ସମୟ ଭିତରେ ସୁଭଦ୍ରା ଭଳି ବଡ଼ ଯୋଜନା କାର୍ଯ୍ୟକାରୀ କରିବାରେ ସଫଳ ହେଉଛୁ । ଚାଷୀଙ୍କୁ ୮ଶହ ଟଙ୍କା ଇନ୍‌ପୁଟ ସବସିଡି ମିଳିଛି, ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀ ଆହୁଜା କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅବସର ନେଲେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ୨୦୨୪ ମଧ୍ୟ ଭାଗରେ ସେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିଲେ । ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ପଦ ସମ୍ଭାଳିଥିଲେ। ୨୦୨୫ ମସିହା ଜାନୁଆରୀ ୧ ତାରିଖରେ ତାଙ୍କ କାର୍ଯ୍ୟକାଳକୁ ସରକାର ଗୋଟିଏ ବର୍ଷ ପାଇଁ ବୃଦ୍ଧି କରିଥିଲେ । ବିଜେପି ସରକାର ନୂଆ କରି ଆସିଥିବା ବେଳେ ପ୍ରଶାସନ କଳକୁ କିଭଳି ଭାବରେ ନୂଆ ଢାଞ୍ଚାରେ ନେବାକୁ ହେବ ତାହା ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ତାଙ୍କ କାର୍ଯ୍ୟକାଳ ଭିତରେ ପ୍ରଶାସନିକ ବ୍ୟବସ୍ଥାକୁ କିଭଳି ଭାବେ ଲକ୍ଷ୍ୟ ଭିତ୍ତିକ କରିବା ଏବଂ ସବୁ



କ୍ଷେତ୍ରରେ କିଭଳି ଟେକ୍ନୋଲୋଜିର ବ୍ୟବହାର ହୋଇପାରିବ ତା'ଉପରେ ସେ ଗୁରୁତ୍ୱ ଦେଉଥିଲେ । ନୂଆ ସରକାର ଉପରେ ଲୋକଙ୍କ ଆଶା ଭରସା ଅଧିକ ରହିଥିଲା। କିଭଳି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରା କରିବେ ସେ ଦିଗରେ ପ୍ରାୟ ଦେଢ଼ ବର୍ଷ ଧରି ପ୍ରୟାସ କରିଆସିଛନ୍ତି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏନେଇ ବୁଧବାର ବିଭାଗ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ବିଦାୟୀ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜାଙ୍କ କାର୍ଯ୍ୟଶୈଳୀ, ପ୍ରଶାସନିକ ଦକ୍ଷତା, ବ୍ୟକ୍ତିତ୍ୱ ଓ ମାନବୀୟ ଆଦର୍ଶ ସଂପର୍କରେ ଆଲୋକପାତ କରିବା ସହିତ ଆଗାମୀ ଅବସରକାଳୀନ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି। ବିଦାୟୀ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଏହି ଅବସରରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଙ୍କର କାର୍ଯ୍ୟକାଳ ସମୟରେ ସହଯୋଗ ପାଇଁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାରୁ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ନିଜକୁ ସୁସ୍ଥ ଓ ସକ୍ଷମ ରଖିବା ସହିତ ସରକାରୀ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

# ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ସାମିଲ ହେବ ୧୪ ପଞ୍ଚାୟତର ୩୪ଟି ଗାଁ

**ବ୍ରହ୍ମପୁର, ୩୧/୧୨ନ୍ୟୁଜ ବ୍ୟୁରୋ**

ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ସାମିଲ ହେବ ୧୪ଟି ପଞ୍ଚାୟତର ୩୪ଟି ଗାଁ। ଏନେଇ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କୌଣସି ଆପତ୍ତି, ଅଭିଯୋଗ ଓ ପରାମର୍ଶ ବିଜ୍ଞପ୍ତି ପ୍ରକାଶ ହେବାର ୩୦ଦିନ ଭିତରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ ଗଞ୍ଜାମଙ୍କ ଜରିଆରେ ଜଣାଇପାରିବେ ବୋଲି ଆହ୍ୱାନ କରିଛନ୍ତି। ସୂଚନାଥାଉକି, ଗତ ୧୭ ତାରିଖରେ ବ୍ରହ୍ମପୁର ଗସ୍ତ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରେଟର ବ୍ରହ୍ମପୁର ନେଇ ଘୋଷଣା କରିଥିଲେ। ତେବେ ଏବେ ଏହା ସତ ହୋଇଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା। ୨୦୦୮ ମସିହାରେ ବ୍ରହ୍ମପୁର ମହାନଗର ନିଗମ ଘୋଷଣା କରାଯାଇଥିବା ବେଳେ ମହାନଗରର ଆଖପାଖ ଅଞ୍ଚଳକୁ ଏପର୍ଯ୍ୟନ୍ତ ସାମିଲ କରାଯାଇନଥିଲା। କିନ୍ତୁ ବର୍ତ୍ତମାନର ସରକାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୪ଟି ପଞ୍ଚାୟତର ୩୪ଟି ଗାଁକୁ ମହାନଗର ଅଞ୍ଚଳରେ ସମ୍ମିଶ୍ରଣ ନେଇ ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା।







## ଏସସିଏସ ପାହ୍ୟାକୁ ପଦୋନ୍ନତି ପାଇଲେ ଅରବିନ୍ଦ ପାଢ଼ୀ

**ଭୁବନେଶ୍ୱର, ୩୧।୧୨ ନ୍ୟୁଜ୍‌ବ୍ୟୁରୋ**

୧୯୯୬ ବ୍ୟାଚ୍‌ର ଆଇଏଏସ ଅଫିସର ଡ. ଅରବିନ୍ଦ ପାଢ଼ୀଙ୍କୁ ଏସସିଏସ ପାହ୍ୟାକୁ ପଦ୍ୱୋନ୍ନତି ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଥିବା ଡ. ପାଢ଼ୀଙ୍କୁ ରାଜ୍ୟ ସରକାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ବରିଷ୍ଠ ଆଇଏଏସ ଅଫିସର ସୁଶୀଲ କୁମାର ଲୋହାନୀଙ୍କୁ ମଧ୍ୟ ଏସ୍‌ସିଏସ୍ ପାହ୍ୟାକୁ ପଦୋନ୍ନତି ମିଳିଛି। ରାଜ୍ୟର ନୂତନ ମୁଖ୍ୟ ଶାସନ ସଚିବ ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟ ପ୍ରଶାସନକୁ ଅଧିକ କାର୍ଯ୍ୟକ୍ଷମ କରିବା କରିବା ପାଇଁ ତାଙ୍କର ନୂଆ ଟିମ୍ ଖୁବ୍ ଶୀଘ୍ର ପ୍ରସ୍ତୁତ କରିବେ। ଏଥିପାଇଁ ଆଇଏଏସ୍ ଅଫିସର ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ ହେବାର ସମ୍ଭାବନା ରହିଛି।

## ମକର ସଂକ୍ରାନ୍ତି ପୂର୍ବରୁ ଅଘଟଣ, ଗୁଡ଼ି ମାଞ୍ଜା ସୂତାରେ କଟିଲା ୨ ଜଣଙ୍କ ବେକ

**କଟକ,୩୧/୧୨ ନ୍ୟୁଜ ବ୍ୟୁରୋ**

ମକର ସଂକ୍ରାନ୍ତି ପୂର୍ବରୁ କଟକରେ ଘଟିଛି ଅଘଟଣ । ପୁଣି କଟକରେ ଗୁଡ଼ି ମାଞ୍ଜା ସୂତାରେ ୨ ଜଣଙ୍କ ବେକ କଟିଛି । ବାଇକ୍‌ରେ ଯିବା ସମୟରେ ବେକରେ ସୂତା ଲାଗି ଯିବାରୁ ଜଣେ ମହିଳା ଓ ପୁରୁଷ ଗୁରୁତର ଆହତ ହୋଇଛନ୍ତି । କଟକ ବୟାଳିଶମୌଜା ଅଞ୍ଚଳରେ ଏହି ଅଘଟଣ ଘଟିଛି । ଦୁଇଜଣ ହେଲେ ଦେବୀ କଲ୍ୟାଣ ଆଚାର୍ଯ୍ୟ ଓ ଆଶା ଲତା ଆଚାର୍ଯ୍ୟ ।

